# ମୋ କାଠ ଘୋଡ଼ା କଥା କହେ

# ମୋ କାଠଘୋଡ଼ା
# କଥା କହେ

ପ୍ରଥମ ଭାଗ

ଲେଖକ
ଅଧ୍ୟାପକ ଶ୍ରୀ ଶାନ୍ତନୁକୁମାର ଆଚାର୍ଯ୍ୟ

ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର

ଗାନ୍ଧୀ ଷ୍ଟୁଡେଣ୍ଟ୍ସ ଷ୍ଟୋର

ବାଲୁବଜାର, କଟକ—୨

୫୯.୨୫

ମୂଲ୍ୟ—ଏକଟଙ୍କା ପଚିଶି ପଇସା

# ସୂଚୀ


| | |
|---|---|
| ମୋ କାଠଘୋଡ଼ା କଥା କହେ | ୧ |
| ଚାଚାଜୀଙ୍କୁ ଚିଠି | ୩ |
| ବଡ଼ ହେଲେ ମୁଁ ବୁଢ଼ିଆଣୀ ସୂତା ବ୍ୟବସାୟ କରିବି | ୫ |
| ଦେ ବୁଢ଼ିଆଣୀ ସୂତା ଦେ | ୯ |
| "କାଳୀ ବିଧବା" ନା "ବୁଢ଼ୀ ମାଉସୀ ? | ୧୪ |
| କୃଷକ-ପିମ୍ପୁଡ଼ି ମୋର ବନ୍ଧୁ ହେଲା | ୧୭ |
| ଇଞ୍ଜିନିୟର ବିଭର୍ | ୨୩ |
| ରବର୍ଟର ଦେଶକୁ ଆମର ଦୂତ | ୨୮ |
| ପାଟି ତାର ବନ୍ଧୁକ, ପାଣି ତାର ଗୁଳି | ୩୩ |
| କାରୁଲୁ ଅଜାଙ୍କ ବଣରାଇଜର କଥା | ୩୭ |

# ମୋ' କାଠଘୋଡ଼ା କଥା କହେ

(୧)

କୁନ୍ନ ପିଲାଟିଏ ଥିଲି ମୁଁ ଯେବେ
"କାଠଘୋଡ଼ା" ମୋର ଆସିଲା ତେବେ ।
"କାଠଘୋଡ଼ା" ମୋର ପିଅଇ ପାଣି
ଖେଳଇ ମୋ ସାଥେ ମୋ ବୋଲ ମାନି ।
"କାଠଘୋଡ଼ା" ମୋର ଭାରି ଦୁଷ୍ଟ
କାମୁଡ଼ ଦିଅଇ ରଅଟ ରଟ ।

(୨)

ଯେବେ ବଡ ହେଲି ଛୁଇଁଲି ଖଡ଼ି
ଶିଖିଲି ଅକ୍ଷର ଗଣିଲି ଧାଡ଼ି ।
କେତେ ନୂଆ ବନ୍ଧୁ ନୂଆ ଖେଳନା
ଆସିଲା ମୋ ପାଇଁ ହେଇ ବନ୍ଧନା ।
ନୂଆରେ ଭୁଲିଲି ପୁରୁଣା ଛାଡ଼ି
କାଠ ଘୋଡ଼ାଟିକୁ ଦେଲି ଫୋପାଡ଼ି ।

( ୩ )

ସେ କାଠଘୋଡ଼ାର ଜୀବନ ନାହିଁ,
କହେନା ସେ କଥା ଶୁଣଇ ନାହିଁ,
କି ଖେଳ ଖେଳିବ ତା ସାଥେ ଆଉ ?
କୁନି ପିଲା ମୁଁ କି ଅଛଇ ଆଉ ?

( ୪ )

କାଠଘୋଡା ମୋର ଗଳ୍ପ ବନସ୍ତେ
କାନ୍ଦି କାନ୍ଦି ମତେ ଝୁରିଲା କେତେ !
କାନ୍ଦ ତା ଶୁଣନ୍ତି ହରପାର୍ବତୀ
ଟଳଇ ଆସନ ଥରଲେ ଛାତି ।
ସରଗ ଛାଡ଼ି ସେ ଏ ଘୋର ବନେ
ଆସିଲେ ଈଶ୍ୱର-ପାର୍ବତୀ ଦନେ ।

( ୫ )

କୋଳେ ନେଇ ତାକୁ କରଲେ ଗେଲ
କାନ୍ଦିଲା ମୋ ଘୋଡ଼ା କହି ତା ହାଲ ।
କାଠଘୋଡ଼ା ମୋର ମାଗିଲା ବର
ଖେଳିବାକୁ ନିତି ସାଥିରେ ମୋର ।

( ୬ )

ଜୀବନ୍ୟାସ ଦେଇ ଈଶ୍ୱର ତାକୁ
ନିତି ନୂଆ ରୂପେ ସୃଜନ୍ତି ତାକୁ—
ପଶୁ ପକ୍ଷୀ କୀଟ ପତଙ୍ଗ ଦେହେ
ମୋ' କାଠଘୋଡ଼ା କଥା ଯେ କହେ !

———

# ଗୁରୁଜୀଙ୍କୁ ଚିଠି

ତା ୧୪।୧୧।୧୯୪୮
ଆମର ଗାଁ
ରାତି—ନଅଟା ସମୟ

ପୂଜନୀୟ ଗୁରୁଜୀ!

ସକାଳୁ ଏତେବେଳଯାକେ କେତେ ହସ ଖୁସିରେ କଟିଗଲା । ଆମମାନଙ୍କ ପାଇଁ ଆପଣ ଯେଉଁ ଖବରଟି ପଠେଇଥିଲେ, ସେଇଟି ଆମେ ପାଇଲୁ । ଗୁରୁଜୀ! ଆପଣ ଆମପାଇଁ ଭାରି ବ୍ୟସ୍ତ ହୋଇ ପଡ଼ୁଛନ୍ତି ନା ? ଆମର କଥା ଭାବି ଭାବି, ଆଜିପରି ଦିନରେ ଆପଣ ତ ମୁହଁ ଶୁଖେଇ ବସିଛନ୍ତି ନା ?

ରାତି ପରା ଆସି ନଅଟା ବାଜିବାକୁ ବସିଲାଣି ! ହେଇ ! ପହରକିଆ ବାଲୁଆ ପରା ବୋବେଇଲେଣି । ଆମ ଗାଁଟା କେମିତି ନିଶୂନ ହୋଇଗଲାଣି ଗୁରୁଜୀ ! ସିଁ ସିଁ ନିଶା ଗର୍ଜ୍ଜନ ଶୁଣାଗଲାଣି । ହେଇ, ହାଇ ଉପରେ ହାଇ ମୋର ଆସୁଛି । ଆଉ ଟିକକେ ତ ମୋ ଆଖି ବନ୍ଦ ହୋଇଯିବ ! କିନ୍ତୁ ଗୁରୁଜୀ ! ଆଜି ସକାଳୁ ଉଠି ମୁଁ କଅଣ ପ୍ରତିଜ୍ଞା କରିଥିଲି ଜାଣନ୍ତି ? ଏଡ଼େ ବଡ଼ ଶୁଭଦିନରେ ଅଳସୁଆ ପରି ମୁଁ ଶୋଇ ପଡ଼ିବି ନାହିଁ; କିନ୍ତୁ ମୁଁ କଅଣ କରିବି ଗୁରୁଜୀ, ଆଖି ତ ମୋର ବନ୍ଦ ହୋଇ ଆସୁଛି ! ଆଚ୍ଛା ଗୁରୁଜୀ ! ମୋର ଅଳସୁଆ ଆଖିପରି ଆପଣଙ୍କ ଆଖି ତ କଅଣ ବେଳେ ବେଳେ ଏମିତି ଅମାନିଆଁ ହୁଏ ? ନା—ଜମା ନୁହେଁ । ମୁଁ ଶୁଣିଛି ରାତି ଅଧଯାଏ ଆପଣଙ୍କ ଘରେ ଆଲୁଅ ଜଳୁଥାଏ । ଗାଲରେ ହାତ ଦେଇ ଆପଣ କ'ଣ ସବୁ ବସି ଭାବନ୍ତି; କିନ୍ତୁ ଗୁରୁଜୀ ! ଆପଣ ଏତେ କଅଣ ଭାବନ୍ତି ? କାହା ପାଇଁ ଏତେ ଚିନ୍ତା ଆପଣଙ୍କର ? ଦେବ ମଉସାଙ୍କ ପୁଅ ପରି ଆପଣଙ୍କ ପୁଅମାନେ କଅଣ ଅମାନିଆ ହୋଇଛନ୍ତି କି ? ଦେବ ମଉସାଙ୍କ ପୁଅ, ଆମ ଉମାଭାଇଙ୍କି ଆପଣ ଚିହ୍ନନ୍ତି, ଗୁରୁଜୀ ? ଆଜିପରି ଦିନେ ଘରଛାଡ଼ି ସେ କୁଆଡ଼େ ପଳେଇଛନ୍ତି । ଭାରି ଅମାନିଆ ସେ । ଏତେ ପାଠଶାଠ ପଢ଼ି ମଧ୍ୟ ସେ କିଆଁ ଏମିତି କାମ କଲେ ? ବାପା ତାଙ୍କୁ କେତେ ବୁଝେଇଲେ, କେତେ ବାଗରେ କହିଲେ, ଟଙ୍କା ରୋଜଗାରର କେତେ ବାଟ ଦେଖେଇଲେ; କିନ୍ତୁ ଗୁରୁଜୀ ! କୁଟାଖଣ୍ଡକ ସେ ଦିଖଣ୍ଡ କଲେ ନାହିଁ । ଚାକିରି ଖଣ୍ଡେ ପାଇଲେ ନାହିଁ ବୋଲି ଅଭିମାନରେ ଘର ଛାଡ଼ି ସେ ପଳେଇଗଲେ ।

ସେ ତ ଗଲେ ଗଲେ, ପୁଣି ଆସିବେ; କିନ୍ତୁ ଗୁରୁଜୀ ବାପାଙ୍କ କଥା ବୋଧେ ଆପଣ ଶୁଣିନାହାନ୍ତି । ତାଙ୍କ କଥା ଶୁଣି ମୋ ମନ କଅଣ ହେଲା ଜାଣନ୍ତି ? ଆଜି ପରି ଉମାଭାଇଙ୍କ ପରି

ମୁଁ ଗୋଟାଏ ଭେଣ୍ଡିଆ ହୋଇଥାନ୍ତି; ଆଉ କଲେଜରେ ପାଠପଢ଼ୁଥାଆନ୍ତି; ମୁଁ କଅଣ କରନ୍ତି କହିଲେ ? ଉମାଭାଇଙ୍କ ପରି ଚାକିରୀ ନ ଖୋଜି ମୁଁ "ବୁଢ଼ାଆଣୀଚାଷ" କରନ୍ତି । ବାପା ପରା କହୁଥିଲେ—"ଭଗବାନ ମଣିଷ ହାତରେ ଏତେ ସୁନ୍ଦର ବଗିଚାଟିଏ ଛାଡ଼ି ଦେଇଛନ୍ତି । ସେଇ ବଗିଚାର ମାଟି,ପାଣି,ପବନକୁ ବିକାଭାଙ୍ଗି ପରା ମଣିଷ ଆଜି ଏତେ ସମ୍ପତ୍ତିର ମାଲିକ ହୋଇଛି, ସୁଖରେ ଚଳୁଛି । ଆଖି ଖୋଲ ଏଇ ବଗିଚାରେ ଘଡ଼ିଏ ବସିଗଲେ ପରା ଟଙ୍କା ତା ଛାଏଁ ଛାଏଁ ଆସି ମଣିଷ ପାଦତଳେ ପହଁଚବ । କିଛି ନ କଲେ ବି, ଖାଲି ଏଇ ବଗିଚାର ଗଛ ବୃକ୍ଷ, ପଶୁପକ୍ଷୀ, ଏପରିକି କୀଟ ପତଙ୍ଗମାନଙ୍କ ସାଙ୍ଗରେ ଟିକିଏ ସାଙ୍ଗ ହେଲେ ପରା ଧନ ତା ଛାଏଁ ଛାଏଁ ଆସି ପହଞ୍ଚିବ । ସେମାନେ ତ ସାଙ୍ଗ ହେବାପାଇଁ ଚାହିଁ ବସିଛନ୍ତି । ଖାଲି ଟିକିଏ ଚହ୍ନାଦେଲେ ହେଲା । ତଥାପି ଏତେ ସାଙ୍ଗ ଥାଉ ଥାଉ ଉମା ଭାଇ ଘରଛାଡ଼ି ପଳେଇଗଲେ ।

ଚାଚାଜୀ ! ମତେ କ୍ଷମା କରିବେ । ମୋ ଆଖିପତାଗୁଡ଼ାକ ବୁଜିହୋଇ ଯାଉଛି । ମୁଁ ଆଉ କିଛି ଭାବିପାରୁନି । ଏତେ ଦିନର ଖରାପ ଅଭ୍ୟାସଟା ଆଜି ଚଲାଯାହିଁ; କିନ୍ତୁ ମୁଁ ଗୋଟିଏ ଭଲକଥା ଆଜି ଆରମ୍ଭ କରିଛି ଚାଚାଜୀ । ଆଜି ମୁଁ ମୋ ଡାଏରୀରେ ଶୁଭ ଦେଇଛି ।

ରାତି ବୋଧେ ବହୁତ ହେଲଣି ନା କଅଣ, ଏଥର ଆପଣଙ୍କ ଆଖିକି ବି ନିଦ ଆସିବଣି ଚାଚାଜୀ ? ହଉ ମୋ କୁନି କଥାଟି ମନେ ଶୋଇପଡ଼ନ୍ତୁ ଚାଚାଜୀ । ଦିହ ପରା ଖରାପ ହବ ନହେଲେ ! ଶୋଇବେଟି ? ମୁଁ ଆଉ ସଂଭାଳି ପାରୁନି ଚାଚାଜୀ-ପ୍ରଣାମ ।

— — —

# ବଡ଼ ହେଲେ ମୁଁ ବୁଢ଼ିଆଣୀ ସୂତା ବ୍ୟବସାୟ କରିବି

( ୧ )

ମୋ ଡାଏରୀ ପଢ଼ି ବାପା କଅଣ କହିଲେ :—

[ ବୁଲୁ ଆମର ବୁଢ଼ିଆଣୀ ସୂତା ବ୍ୟବସାୟ କରିବ ବୋଲି କହୁଛି । ମୋତେ ବଡ଼ ଖୁସି ଲାଗୁଛି ଏ କଥା ଶୁଣି । ବଡ଼ ହେଲେ ସେ ପ୍ରକୃତରେ କଅଣ କରିବ ମୁଁ କହି-ପାରୁନାହିଁ; କିନ୍ତୁ ସେ ଯଦି ଏହି ବ୍ୟବସାୟ ବି କରେ ତା'ହେଲେ ମଧ୍ୟ ମୁଁ ସେତେବେଳେ ଖୁସି ହେବି ।

ବୁଢ଼ିଆଣୀ ସୂତା ବ୍ୟବସାୟ କିଛି କମ୍ ବ୍ୟବସାୟ ନୁହେଁ । ଦଶଫୁଟ ସୂତାର ଦାମ ବର୍ତ୍ତମାନ ପଚଶ ଟଙ୍କା । ଏ ସୂତା କାହିଁକି ଏତେ ଦାମ୍ ବୁଲୁ ଆମର ବୁଝିଛି । ଡାଏରୀରେ ସେକଥା ଲେଖିଛି ।

ପୃଥିବୀର ଜଣେ ବିଶିଷ୍ଟ ବୁଢ଼ିଆଣୀ ସୂତା ବ୍ୟବସାୟୀ ଶ୍ରୀମତୀ ନାନ୍‌ସଙ୍ଗର ହୁକ୍ ଯେତେବେଳେ ନିଜଘରେ ଗୁଡ଼ାଏ ବୁଢ଼ିଆଣୀ ଆଉ ବିଷାକ୍ତ ମାଙ୍କଡ଼ସା ଆଣି ପୋଷିଲେ, ସେତେବେଳେ ଲୋକେ ନିଶ୍ଚୟ ହସିଥିବେ । କହିଥିବେ ନାନ୍‌ହୁକ୍ ପାଗଳୀ ହୋଇଗଲା । କିନ୍ତୁ ନାନ୍‌ସଙ୍ଗରଙ୍କର କୀଟ ପତଙ୍ଗମାନଙ୍କ ପ୍ରତି ଏହି ଆଗ୍ରହ ଆଜି ପୁରସ୍କୃତ ହୋଇଛି, ଯାହାର ମୂଲ୍ୟ କେବଳ ଧନ ଓ ମାନ ଆକାରରେ ଗଣାଯାଇ ପାରିବ ନାହିଁ । ଗୋଖର ସାପ ପରି ଭୟଙ୍କର ବିଷଧର, ମାଙ୍କଡ଼ସା "ବ୍ଲାକ୍ ଉଇଡୋ", ନାନ୍‌ସଙ୍ଗର୍‌ହୁକ୍‌ଙ୍କର ଗୋଟିଏ ଅତି ଆପଣାର ଜୀବ । ନାନ୍‌ସଙ୍ଗରହୁକ୍, ଏହି ବିଷଧର ଜନ୍ତୁକୁ ଖାଲି ହାତରେ ଧରି ତାର ପେଟରୁ ସୂତା ସଂଗ୍ରହ କରନ୍ତି; କିନ୍ତୁ ଦିନେହେଲେ ସେଇ ପୋଷା ମାଙ୍କଡ଼ସା ତାଙ୍କୁ ଆଘାତ କରିନାହିଁ । ଏହା କିପରି ସଂଭବ ? ତାହାର ଉତ୍ତର କୀଟ ପତଙ୍ଗ ମଧ୍ୟ ସ୍ନେହର ପ୍ରତିଦାନ ଦେଇ ଜାଣନ୍ତି । ]

କୁଆ କା ବେଳକୁ ମୁଁ ଉଠି ସାରିଥିଲି । ଘରେ ଆମର ତଥାପି ଚୁପ୍‌ଚାପ୍ ସମସ୍ତେ ଶୋଇଛନ୍ତି । ଚୁପ୍‌ଚୁପ୍ ଯାଇ କବାଟ ଟିକେ ଖୋଲିଲି । ବାହାରେ ଭୀଷଣ କୁହୁଡ଼ି ! କିନ୍ତୁ ମତେ ଯିବାକୁ ହିବ । ନଚେତ୍ ସେମାନେ ପୁଣି କୁଅଡ଼େ ଲୁଚି ଯିବେ । ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସେମାନେ ଜାଲ ବୁଣିବସନ୍ତି; ଯେମିତି କି ସକାଳୁ ସକାଳୁ ଜଳଖିଆ ପାଇଁ ଗୋଟାଏ ଦିଇଟା ମାଛି ନିଶ୍ଚୟ ଧରା ପଡ଼ିବେ । ମୁଣ୍ଡରେ ମଫଲର୍‌ଟା ଭଲକରି ଗୁଡେଇ ଦେଇ ମୁଁ ବାହାରିଗଲି । ଗଲାବେଳେ କବାଟଟାକୁ ମଧ୍ୟ ଆଉଜେଇ ଦେଇ ଗଲି । ନହେଲେ

କୁନାଟା ଯଦି ଉଡ଼ିପଡ଼ିଥାଆନ୍ତା, ତା'ହେଲେ ସର୍ବନାଶ । ଏତେ ଅଣ୍ଡାରେ ତା ଦେହ ଖରାପ ହୋଇ ନ ଥାନ୍ତା ?

ଗଲାବେଳେ ଆଲମାରିରୁ ବୋତଲଟା ବି ନେଇ ଯାଇଥିଲି । ଏଇଥିରେ ବୁଢ଼ିଆଣୀ ବାଗୁରୀ ରହିବ । ବୋତଲଟିକୁ ପେଣ୍ଟପକେଟ୍‌ରେ ରଖିଦେଇ ମୁଁ ଡିଆଁଟାଏ ମାରିଦେଲି । ପ୍ରଥମେ ମୁଁ ବାଡ଼ିଆଡ଼ ପିଜୁଳି ଗଛ ମୂଳରେ ଛକି ବସିଲି । ବହୁତ ଗୁଡ଼ାଏ ବୁଢ଼ିଆଣୀ ଜାଲ ଆଖିରେ ପଡ଼ିଲା । ସେମାନେ ତାହେଲେ ମୋ ଆଗରୁ ଉଠିଯାଇଛନ୍ତି, ନା ! ଜାଲର ସରୁସୂତା ଗୁଡ଼ିପାଖେ ଛୋଟ ଛୋଟ କାକର ବୁନ୍ଦା ସବୁ କାଚମାଳି ପରି ଦେଖାଯାଉଥାଏ । ସବୁ ହେଲା; କିନ୍ତୁ ବୁଢ଼ିଆଣୀର ପତ୍ତା ମିଳିଲାନାହିଁ । ଚୁପ୍ ହୋଇ ମୁଁ ବସିରହିଲି ଗଛମୂଳେ । ଅଧଘଣ୍ଟାଏ ଗଲା, ତଥାପି ତାଙ୍କର ଦେଖାନାହିଁ । ମୁଁ ଟିକିଏ ବ୍ୟସ୍ତହୋଇ ଉଠିପଡ଼ିବି ବୋଲି ଭାବୁଛି, ଠିକ୍ ଏହି ସମୟରେ ଦେଖିଲି ଯେ ମୋ ମୁଣ୍ଡ ଉପରେ ଗୋଟାଏ ଡାଳରୁ ଓହ୍ଲାଉଥିଲା ଗୋଟାଏ ବଡ଼ ବୁଢ଼ିଅଣୀ । ଡାଳ ଦେହରୁ ଯୋଉ ସୂତାରୁ ସେ ଲଟକି ଥିଲା ସେଇଟା କ୍ରମେ କ୍ରମେ ଲମ୍ବି ଲମ୍ବି ଆସୁଥାଏ । ସେଇ ସୂତାଟି ତାର ଜୀବନ-ନାଟିକ । ସୂତା ଛିଣ୍ଡିଲେ ତଳେ କଚଡ଼ି ହୋଇ ପଡ଼ିବ ବୁଢ଼ିଆଣୀ ବାଗୁରୀ । ଦି' ପୁରୁଷ ଉଞ୍ଚ ଗୋଟାଏ ଡାଳରୁ ସେ ତଳକୁ ଆସ୍ତେ ଆସ୍ତେ ଖସୁଥିଲା । ସେ ଯେମିତି ମୋ ହାତ ପାଆନ୍ତ ହୋଇଛି ମୁଁ ଧଡ଼୍‌ପଡ଼୍ ହୋଇ ଉଠିଗଲି । ବୁଢ଼ିଆଣୀଟି ମତେ ଦେଖି ବୋଧେ ଭାରି ଡରି-ଗଲା । ସାଙ୍ଗେ ସାଙ୍ଗେ ସେ ତରତର ହୋଇ ଉପରକୁ ଉଠିବାକୁ ଲାଗିଲା । ମୁଁ ଦେଖିଲି ଏ ମଉକା ଆଉ ମିଳିବ ନାହିଁ; ତେଣୁ ତାକୁ ଧରି ପକେଇବା ପାଇଁ ମୁଁ ଉପରକୁ ଡେଇଁ ପଡ଼ିଲି । ମୁଁ ଯେତେବେଳେ ହାତମୁଠା ଖୋଲେ, ସେତେବେଳେ ମୋ ମନ ଭାରି ଖରାପ ହୋଇଗଲା । ବୁଢ଼ିଆଣୀ ବାଗୁରୀଟି ତ ନ ଥିଲା, ମୋ ହାତରେ ଥିଲା ତାର ଦିଇଟା ଗୋଡ଼ । କଅଣ ହେଲା ? ବାଗୁରୀଟିକୁ ମୁଁ ମାରିଦେଲି ? ମନକଷ୍ଟରେ ମୁଁ ଉପରକୁ ଚାହିଁଦେଲି । କିନ୍ତୁ ବୁଢ଼ିଆଣୀ କାହିଁକି ଟିକିଏ ମରନ୍ତା ! ତା ହୁଙ୍କଟରେ ସେ ସେତେବେଳକୁ ଗଛ ଡାଳକୁ ଉଠିଯାଇ ଉପରେ ବସିଥିଲା । ପରେ ମୁଁ ଶୁଣିଲି ଯେ ବୁଢ଼ିଅଣୀମାନଙ୍କର ଗୋଡଗୁଡ଼ାକ କୁଆଡ଼େ ଏମିତି ସହଜରେ ଭାଙ୍ଗିଯାଏ; କିନ୍ତୁ ତା ଜାଗାରେ ଅଉ ନୂଆ ଗୋଡ଼ ପୁଣି ଉଠେ ।

ଟିକିଏ ବ୍ୟସ୍ତ ହୋଇ ମୁଁ ପୁଣି ବସିପଡ଼ିଲି । ରବର୍ଟ ବ୍ରୁସ୍‌ଙ୍କ କଥାଟି କାହିଁକି କେଜାଣି ମନେ ପଡ଼ିଗଲା । ହତାଶ ହୋଇ ମଧ୍ୟ ମୋର ଟିକେ ମନବୋଧ ହେଲା । ତା'ପରେ କିଛି ସମୟ ପରେ ମୁଁ ପୁଣି ଉପରକୁ ଚାହିଁ ଦେଖେ ତ ଆଉ ଗୋଟାଏ ଡାଳରୁ ଖସୁଥିଲା ଗୋଟାଏ ବୁଢ଼ିଆଣୀ । ଏଥର ବଡ଼ ସାବଧାନ ହୋଇ ମୁଁ ଉଠିଲି । ବୋତଲର

ଠିପିଟାକୁ ଖୋଲି ଦେଇ ମୁଁ ବୋତଲ ମୁହଁଟାକୁ ବୁଢ଼ିଆଣୀର ଠିକ୍ ତଳେ ଧରିଲି । ବୁଢ଼ିଆଣୀ କିଛି ଜାଣିପାରିଲା ନାହିଁ ବୋଧହୁଏ । ସେ ଯେମିତି ବୋତଲ ଭିତରକୁ ପାଇଛି, ସାଙ୍ଗେ ସାଙ୍ଗେ ମୁଁ ବୋତଲ ଠିପି ବନ୍ଦ କରିଦେଲି ।

ବୁଢ଼ିଆଣୀକୁ ଧରିଲା ପରେ ଗୋଡ଼ ମୋର ଆଉ ତଳେ ଲାଗୁ ନ ଥାଏ । ଦଉଡ଼ି ଦଉଡ଼ି ମୁଁ ଘରକୁ ପଳେଇ ଆସିଲି ।

ଦାନ୍ତଘଷା ନାହିଁ କି ଜଳଖିଆ ନାହିଁ । ମୁଁ ମୋ ଯୋଗାଡ଼ରେ ଲାଗିପଡ଼ିଲି । ପ୍ରଥମେ ଦରକାର ପଡ଼ିଲା ଖଣ୍ଡିଏ ଛୋଟ ନରମ କାଠର ପଟା ଯାହା ଉପରେ ପିନ୍‌କଣ୍ଟା ଗଳିଯାଇବ । ବହୁତ ଖୋଜି ଖୋଜି ଗୋଟାଏ କରହିନ ଢାବଲ ପଟା ମିଳିଲା । ଏଗୁଡ଼ିକ ଭାରି ନରମ ପଟା । ତା ପରେ ଖୋଜି ବସିଲି କେଇଟି କାଗଜଗୁନ୍ଥା ପିନ୍ — ଯାହାକୁ "ଷ୍ଟାପଲ୍" କହନ୍ତି । ବାପାଙ୍କ ଟେବୁଲ ଉପରୁ ସେତକ ମିଳିଲା । ତା'ପରେ ମୁଁ ମୋ ଗୁଡ଼ ନଟେଇଟି ବାହାର କଲି । ଏତକ ବାହାର କରି ମୁଁ ଆସି ବସିଛି; ଏତିକିବେଳେ ବୋଉଙ୍କର ମନେ ପଡ଼ିଗଲା ।

"କିରେ ! ଆଜି କଅଣ ଦାନ୍ତଘଷା ହେବ ନାହିଁ କି ? ତୁ ପରା କାଲି ରାତିରୁ କିଛି ଖାଇନୁ ! ଏଁ ?" —

ମୁଁ ଦେଖିଲି ନ ଖାଇବାଯାଏ ବୋଉ ଆଉ ବସେଇ ଉଠେଇଦେବେନି ମତେ । ବାଧ୍ୟହୋଇ କାମଦାମ ଛାଡ଼ି ଦାନ୍ତ ଘଷିବାକୁ ବାହାରିଗଲି । ନାକରେ କାନରେ ଜଳଖିଆ ଟିକିଏ ଗୁଞ୍ଜିଦେଇ ମୁଁ ମୋର କାମରେ ବାହାରି ପଡ଼ିଲି । ଦେଖିଲି ସେଠି ବି ରକ୍ଷା ନାହିଁ । ସେତେବେଳକୁ ଘରଟାଯାକର ମଣିଷ ଆସି ଜମା ହୋଇଗଲେଣି ମୋ ଗୃହପାଖେ । ମୋ ସରଞ୍ଜାମପତ୍ର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଥାଆନ୍ତି; କିନ୍ତୁ ଜଣେ ଜମା ଆଶ୍ଚର୍ଯ୍ୟ ହେଉ ନ ଥାନ୍ତି । ସେ ହେଉଛନ୍ତି ଆମ ନାନୀ ।

ସେ କହିଲେ, "କିରେ ? କାହିଁକି ସେ ବୁଢ଼ିଆଣୀଟାକୁ ମାରୁଛୁ ? ସେ ତୋର କଅଣ ଦୋଷ କଲା, ଏଁ ?"

ନାନୀଙ୍କ କଥା ଶୁଣି ମତେ ଟିକେ ଚିଡ଼ ଲାଗିଲା; କିନ୍ତୁ ମୁଁ ଭଲରେ କହିଲି— "ନାନୀ ! ମୁଁ କ'ଣ ତାକୁ ମାରୁଛି ? ମାରିବାର ହୋଇଥିଲେ ଏତେ ସରଞ୍ଜାମ କାହିଁକି ଯୋଗାଡ଼ କରନ୍ତି ମୁଁ ? ମୁଁ ପରା ତାଠୁଁ ସୂତା ବାହାର କରିବି ! ତୁମେ ଜାଣିଛ ନାନୀ ? ବୁଢ଼ିଆଣୀ ସୂତା ଦାମ୍ କେତେ ? ଏଇ ସୂତା ବ୍ୟବସାୟ କଲେ ପରା ମୁଁ ଜଣେ ଲକ୍ଷପତି ହୋଇପାରିବି !"

ନାନୀଙ୍କ ହସ କହିଲେ ନ ସରେ । ମୋ କଥାଟାକୁ ହସି ଉଡ଼େଇ ଦେଇ ସେ

କହିଲେ, "ଲକ୍ଷପତି ହବୁ ? ଆରେ ବୁଢ଼ିଆଣୀ ସୂତାଟା ଏମିତି କି ଜିନିଷ ମ ? ଆମେ ପରା ପ୍ରତିଦିନ ବୋଟେ ବୋଟେ ବୁଢ଼ିଆଣୀ ସୂତା ଓଳେଇ ଫୋପାଡ଼ ଦେଉଛୁ !"

ମତେ ଟିକେ ଖରାପ ଲାଗିଲା । ଏତେଗୁଡ଼ାଏ ଲୋକ ସମସ୍ତେ ହସି ଦେଲେ ନାନୀଙ୍କ କଥା ଶୁଣି । ଯେମିତିକି ମୁଁ କିଛି ଜାଣେନା, ନାନୀ ସବୁ ଜାଣନ୍ତି ।

ମୁଁ କହିଲି, ନାନି ! ଆମେରିକାର ନାନ୍‌ସଙ୍ଗରହୁକ୍ ବୋଲି ଜଣେ ଭଦ୍ରମହିଳାଙ୍କ ନାଆଁ ତୁମେ ପଢ଼ିଛ ? ଦଶଫୁଟ ବୁଢ଼ିଆଣୀ ସୂତାକୁ ସେ ପଚିଶ ଟଙ୍କାରେ ବିକନ୍ତି—ଜାଣିଚ ?"

ତଥାପି ନାନୀ ବିଶ୍ୱାସ କଲେନି ମୋ କଥାକୁ । ମୋ କଥାକୁ ଅପସନ୍ଦ କରି ସେ କହିଲେ, "ହଁ, ବୁଢ଼ିଆଣୀ ସୂତା ଗୋଟାଏ ଜିନିଷ, ତାକୁ ପୁଣି ଲୋକେ ଏତେଟଙ୍କା ଦେଇ କିଣନ୍ତି ! ସେଇଟା ଏମିତି ମଣିଷର କି କାମରେ ଆସେ ଯେ ତାର ଦାମ ଏତେ ହେଉଛି ମ ? ଖାଲି ଆମେରିକା ଲୋକଙ୍କ ଟଙ୍କା ଅଛି ବୋଲି ସେମାନେ ଏମିତି ମନଇଚ୍ଛା ଖର୍ଚ୍ଚ କରନ୍ତି ।"

ମୁଁ ନାନୀଙ୍କ କଥା ଶୁଣି ବୁଝିଲି ଯେ ବର୍ତ୍ତମାନ ଗୋଟାଏ ଲମ୍ବା ବକ୍ତୃତା ଦେବାକୁ ହେବ ଏଠି । ନ ହେଲେ ଏମାନେ ମୋ କଥାକୁ ଭୁରୁଡ଼ି ମାରିଦେବେ, କାହିଁକିନା ମୁଁ ତ ପିଲାଟାଏ—ସେଇଥି ପାଇଁ ।

ମୁଁ କହିଲି, "ଖାଲି ଆମେରିକା ନୁହେଁ ନାନି, ପୃଥିବୀ ସାରା ବୁଢ଼ିଆଣୀ ସୂତାର ଚାହିଦା ଅଛି । ବୁଢ଼ିଆଣୀ ସୂତାକୁ ତୁମେ ଯେତିକି କମ୍‌ଜୋର ଭାବ ସେ ସେତିକି କମ୍‌ଜୋର ନୁହେଁ, ଜାଣିଲ ? ଇଞ୍ଚକରୁ ପଚିଶ ହଜାର ଭାଗ କେତେ ? ଅନ୍ଦାଜ କରି ପାରୁଛ ? ହଁ, ମୁଁ ତ କରିପାରୁନି, ତୁମେ କଅଣ ଅନ୍ଦାଜ କରିବ ?"

ନାନୀଙ୍କ ମୁହଁ ଶୁଖିଗଲା । ନାନୀଙ୍କ ମନରେ କଷ୍ଟ ହେଲା ଜାଣି ମୁଁ କହିଲି । "ନାଇଁ ନାନି, ମୁଁ କଅଣ ତୁମକୁ ଅପମାନ ଦେବାକୁ କହୁଛି ? ମୁଁ କହୁଛି କଅଣ କି, ଏତେ ପତଳା ସୂତା ହେଲେ ବି, ସେତିକି ପତଳା ଇସ୍ପାତ୍ ସୂତାଠୁଁ ବି ବୁଢ଼ିଆଣୀ ସୂତା ଅଧିକ ଶକ୍ତ ।"

ଏତିକିବେଳେ ସମସ୍ତେ ପାଟିକରି ଉଠିଲେ, "ମିଛ, ମିଛ, ଏ ଗୁଡ଼ାକ ମିଛ-କଥାରେ ବୁଲୁ, ତତେ କିଏ କହିଲା ?"

ମୁଁ ଦେଖିଲି ଆଉ ଟିକକରେ ଗୋଟିଏ ଯୁଦ୍ଧ ଲାଗିଯିବ କି କଅଣ । ଗୋଟାଏ ପାଖରେ ମୁଁ ତ, ଅନ୍ୟ ପାଖରେ ଆମ ଘରଟାଯାକର ମଣିଷ ! ଏଥିରେ କି କାମ କରି ହୁଏ ? ମେ ହାତୁଡ଼ି କିଏ ନେଇଯାଉଛି ତ ମୋ ବୁଢ଼ିଆଣୀକୁ କିଏ ହୁରୁଡ଼େଇ ଦେଉଛି; ତେଣୁ ମୁଁ କ'ଣ କଲି ନା, ଚୁପ୍‌ଚାପ୍ ସବୁ ଜିନିଷପତ୍ର ଧରି ସେଠୁ ବାହାରି ଗଲି । ଜାଣିଲି ବାପା ନ ଆସିବା ପର୍ଯ୍ୟନ୍ତ କିଛି କାମ ହୋଇପାରିବ ନାହିଁ ।

# ଦେ ବୁଢ଼ିଆଣୀ ସୂତା ଦେ

( ୨ )

ଦିନଟାଯାକ ମୋତେ କି ମୋ ବୁଢ଼ିଆଣୀ ବଗୁରୀକୁ ନିଃଶ୍ୱାସ ମାରିବାକୁ ବେଳ ନାହିଁ । ବେଲେଗଛୁଆ ପରି ପାଖରେ ଯାକିକରି ମୁଁ ତାକୁ ଧରି ବୁଲୁଛି । ମୋ ପଛେ ପଛେ ଗାଁଟାଯାକର ଛୁଆ, ପିଲା, ଅଣ୍ଡା, ବଚ୍ଚା ସମସ୍ତେ ବୁଲୁଛନ୍ତି । ସମସ୍ତଙ୍କର ସେଇ ଗୋଟାଏ ଜିଦ୍ ସେମାନେ ଦେଖିବେ କେମିତି ବୁଢ଼ୀଆଣୀ ପେଟରୁ ସୂତା ବାହାରିବ। ତାଙ୍କ ମନେ ମନେ ବୁଢ଼ିଆଣୀ ଇଚ୍ଛା ନ କଲେ ତା ପେଟରୁ ସୂତା ବାହାରେ ନାହିଁ । ମୁଁ କହିଲି—ବୁଢ଼ିଆଣୀକୁ ଧରି ମଧ୍ୟ ତା ପଛରୁ ସୂତା ଟାଣି ନେଇହବ; କିନ୍ତୁ ଏଥିପାଇଁ ମୋତେ ଆଜି ଗୋଟିଏ ପରୀକ୍ଷା ଦେବାକୁ ପଡ଼ିଲା ।



( କିନ୍ତୁ ମୁଁ ଭଲରେ କହିଲି —"ମୁଁ କଣ ତାକୁ ମାରୁଛି ?···ଏଇ ସୂତା ବ୍ୟବସାୟ କଲେ ପରା ମୁଁ ଜଣେ ଲକ୍ଷପତି ହୋଇ ପାରିବ !" )

ଦିନ ଚାରିଟାବେଳକୁ ସବୁ ଠିକ୍ ଠାକ୍ ହୋଇଗଲା । ମୁଁ ସମସ୍ତଙ୍କୁ କହିଦେଲି, "ବୁଝି ଖବରଦାର୍ ମୋ ଜିନିସପତ୍ରରେ କେହି ହାତ ଦେବ ନାହିଁ ।

ପ୍ରଥମେ ମୁଁ ବୁଢ଼ିଆଣୀକୁ ବୋତଲରୁ ବାହାର କରି ହାତରେ ଧରିଲି । କିନ୍ତୁ ମୁଁ ଯେମିତି ତା ଦେହରେ ହାତ ଦେଇଛି, ଅଉ ଯାଏ କୁଆଡ଼େ ? ବୁଢ଼ିଅଣୀଟା ଏତେ ଜୋରରେ ଛାଟି ପିଟି ହେଲା ଯେ ମୋର ଭୟ ହେଲା, କାଳେ ତା ଗୋଡ଼ ଭାଙ୍ଗିଯିବ ! ମୁଁ ଯେତେ ଚେଷ୍ଟାକଲି ଆଉ ତାକୁ ପଟାଉପରେ ଶୁଆଇ ପାରିଲି ନାହିଁ ।

ପିଲମାନେ ହୋ ହୋ ହୋଇ ହସି ଉଠିଲେ । ଜଣେ କହିଲା, "କିରେ ? ଆମେ କଅଣ କହୁଥିଲୁ ? ସେ ଜମା ଯେମିତି ସୂତା ଦବ ନାହିଁ — ଶେଷକୁ ବଗୁରୀଟି ମରିବ ।"

ମୋ ମନ ଭାରି ଖରାପ ହୋଇଗଲା । ଏତିକିବେଳକୁ ପିଲାଙ୍କ ପାଟିରେ ଘରଟା-ଯାକର ମଣିଷ ଆସି ପୁଣି ଜମା ହୋଇଗଲେ । ଭାଗ୍ୟକୁ ବାପା ଆସି ପହଞ୍ଚି ଗଲେ । ଉପରେ କେହି ଆଉ ମୋତେ ଥଟ୍ଟା କଲେନି ।

ମୋ ହାଲତ ଦେଖି ବାପା କହିଲେ, "ଆରେ ଆରେ ! ଏତେଟିକେ ବୁଢ଼ିଆଣୀକୁ ଆୟତ୍ତ କରିପାରୁନୁ ! ଏଇଥିରୁ ବୁଝ୍ ଯେଉଁମାନେ ବାଘ, ହାତୀକୁ ସାଧ କରନ୍ତି, କେତେ

କଷ୍ଟ ସହନ୍ତି ସେମାନେ । ଖାଲି କଷ୍ଟ ସହିଲେ ହେବ କି ? ତାଙ୍କ ସହିତ ଭଦ୍ରଲୋକ ପରି ବ୍ୟବହାର କଲେ ଯାଇ ହେବନା !"

ନାନୀ ଏତିକିବେଳକୁ ବାହାରି ପଡ଼ିଲେ । ସେ କହିଲେ "କୀଟ ପତଙ୍ଗମାନଙ୍କ ସହିତ ବି ଭଦ୍ରଲୋକ ହେବାକୁ ହବ, ବାପା ?"

ବାପା କହିଲେ, "କୀଟ ପତଙ୍ଗ ହେଲେ ବି ସେମାନେ ବୁଝନ୍ତି କୋଉ ଲୋକ ତାଙ୍କର ଶତ୍ରୁ, ଆଉ କୋଉ ଲୋକ ତାଙ୍କର ମିତ୍ର । ଶୁଣିବ ଗୋଟାଏ କଥା ପିଲେ ? "ବ୍ଲାକ୍ ଉଇଡୋ" ବୋଲି ଗୋଟାଏ ଭାରି ବିଷଧର ବୁଢ଼ିଆଣୀ ଅଛି । ଗୋଖର ସାପଭଳି ବିଷ ତାର; କିନ୍ତୁ ତା ପେଟରୁ ଭାରି ଭଲ ସୂତା ବାହାରେ । ସେଥିପାଇଁ ତାକୁ ଘରେ ପାଳିବାକୁ ପଡ଼େ । ମୁଁ ଶୁଣିଛି ଆମେରିକାର ସେଇ ଭଦ୍ରମହିଳା ନାନ୍‌ସଙ୍ଗର୍ ହୁକ୍ କୁଆଡ଼େ ଏଇ ଭୟଙ୍କର ଜନ୍ତୁଗୁଡ଼ାଙ୍କୁ ଖାଲି ହାତରେ ଧରି ସୂତା ବାହାର କରନ୍ତି ତାଙ୍କଠୁଁ । ଏକଥା କେମିତି ହୁଏ ? ସେଇ ବୁଢ଼ିଆଣୀମାନଙ୍କୁ ନାନ୍‌ସଙ୍ଗର୍ ହୁକ୍ ଯେମିତି ଭଲ ପାଆନ୍ତି, ସେମାନେ ମଧ୍ୟ ନାନ୍‌ସଙ୍ଗର୍ ହୁକ୍‌ଙ୍କୁ ସେମିତି ଭଲ ପାଆନ୍ତି ।

ଏକଥା କହିବା ଭିତରେ, ବାପା ଆମ ବୁଢ଼ିଆଣୀକୁ ପଟା ଉପରେ ଚିତ୍ କରି ଶୁଆଇ ଦେଇଥିଲେ । ତା ଅଣ୍ଟା ଚାରିପାଖେ ବାନ୍ଧିଧରିଲାଭଳି, ଷ୍ଟାପଲ୍ ପିନ୍ କଣ୍ଟାକୁ ପୋତି ଦେଲେ । ତା ପରେ, ସେ ଛାଟିପିଟି ହେବାରୁ, ତାର ଗୋଡ଼ଗୁଡ଼ାକୁ ବି ଦିଟା କରି ଷ୍ଟାପଲ୍ ଦେଇ ଚାପି ଦେଲେ । ବୁଢ଼ିଆଣୀ ଏଥର ପୂରା ଅକ୍ତିଆର୍‌କୁ ଆସିଲା । ପୂରାପୂରି ଗୋଟାଏ ଦୁଷ୍ଟ ଟାଈକୁ ଛନ୍ଦିଲା ଭଳି ତାକୁ ଛନ୍ଦିବାକୁ ହେଲା ।

ତାପରେ, ବାପା କହିଲେ, "ବାବୁମାନେ ଏଥର ଦେଖ ! ବୁଢ଼ିଆଣୀଠୁଁ କେମିତି ସୂତା ଆଦାୟ କରିବାକୁ ହୁଏ !"

ଏଇଆ କହି ସେ ବୁଢ଼ିଆଣୀ ପେଟତଳେ ଲଟକିଥିବା ଖଣ୍ଡେ ଛୋଟିଆ ସୂତାର ଅଗ ଧରି ଧୀରେ ଧୀରେ ଟାଣିଲେ ।

ଏତିକିବେଳେ ଜଣେ ପିଲା କହିଲା, "ମଉସା, ସେ ବୁଢ଼ିଆଣୀ ପେଟରେ କଣ ସୂତା ବଣ୍ଡିଲ୍‌ଟାଏ ଅଛିକି ? ସେ ବଣ୍ଡିଲ୍‌କି ସୂତା ଯଦି ସରିଯିବ ତା'ହେଲେ ?"

ବାପା ଏଇ କଥାର ଉତ୍ତର ଦେଲେ । ସେ କହିଲେ, "ଆରେ ପିଲାଏ, ତୁମର ଗୋଟାଏ ଭୁଲ୍ ଧାରଣା ରହିଯାଇଛି, ମୁଁ ଯାହା ଦେଖୁଛି । ଜୀଅନ୍ତା ପ୍ରାଣୀଟା ପେଟରେ ପୁଣି ସୂତା ବଣ୍ଡିଲ ରଖିଲା କିଏ ! ତା ନୁହଁ ଯେ—କଥା ହେଉଚି ଆମ ପାଟିରୁ ଯେମିତି ନାଳ

ବୁଝେ, ବୁଢ଼ିଆଣୀ ପେଟରେ ଠାଏ ସେମିତି ରସ ବାହାରେ । ସେ ରସଟା ପଦାକୁ ବାହା-
ରିବା ସାଙ୍ଗେ ସାଙ୍ଗେ ଶୁଖିଯାଉଛି ।"

ତାପରେ ବାପା ପ୍ରାୟ ଦଶ୍ୱର ହାତ ସୂତା ବୁଢ଼ିଆଣୀ ପେଟତଳୁ ଟାଣି ଧରିଲେ । ମୁଁ ମୋ ନଟେଇଟି ଆଣିଲି । ବାପା ତା ଆଡ଼କୁ ନ ଚାହିଁ ମତେ ଗୋଟାଏ ଛୁଞ୍ଚି ଆଣିବାକୁ କହିଲେ ।

ଛୁଞ୍ଚି ନାଆଁ ଶୁଣି ମତେ ଡର ମାଡ଼ିଲା । କଅଣ ଆଉ ଫୋଡାଫୋଡ଼ି କରିବେ କି ତାକୁ ? ଡରି ଡରି ମୁଁ ଛୁଞ୍ଚିଟା ତାଙ୍କ ହାତକୁ ବଢ଼େଇ ଦେଲି । ଛୁଞ୍ଚିଟିକି ନେଇ ବାପା ଯେତେବେଳେ ଉଞ୍ଚେଇ ଧରିଲେ, ମୁଁ ବ୍ୟସ୍ତ ହୋଇ ବାପାଙ୍କ ହାତକୁ ଧରି ପକେଇଲି, "ହାଁ, ହାଁ ମୋ ବୁଢ଼ିଆଣୀକୁ ମାରନ୍ତୁ ନାହିଁ ବାପା—ସେ ମରିଯିବ ।" ମୁଁ ପାଟିକଲି ।

ମୋ ପାଟି ଶୁଣି ବାପା ଖୁବ୍ ଜୋର୍‌ରେ ହସି ଉଠିଲେ । ହସି ହସି ସେ ଗଡ଼-ଗଲେ । କହିଲେ, "ଆରେ, ତୋ ବୁଢ଼ିଆଣୀକି ମୁଁ କାହିଁକି ମାରିବି ରେ ! ନଛି ନ ଦେଖି କଙ୍ଗଲା ହଉଚୁ ତୁ !"

ତାପରେ ବାପା ଛୁଞ୍ଚିଟିକି ଧରି ବୁଢ଼ିଆଣୀ ସୂତାକୁ ଉଖାରିଲେ । ଏ ପୁଣି କି କଥା ? ବୁଢ଼ିଆଣୀ ସୂତା ତ ଯୋଡ଼ ସୂତା । ଅଖିବାଳର କେତେଶହ ଭାଗରୁ ଭାଗେ ବହଳ । ତାକୁ ପୁଣି ଉଖାରୁଛନ୍ତି ବାପା ।

ଉଖାରି ଉଖାରି ଛୁଞ୍ଚି ଅଗଟାକୁ ସୂତା ଭିତରେ ଗେଞ୍ଜିଦେଲେ ସେ । ଛୁଞ୍ଚିଟାକୁ ତାପରେ ସେ ତଳକୁ ଟଣେଇ ନେଲେ, ବୁଢ଼ିଆଣୀ ପେଟପାକେ ।

ଆମେ କାବା ହୋଇ ଚାହିଁଚୁ । ଏଇ ବୋଲି ସୂତା, ସେ ପୁଣି ଦୁଇଭାଗ ହେଉଛି ?

ବାପା କହିଲେ, "ଦେଖିଲଟି ପଲ୍ଲବ, କେତେ ସୂକ୍ଷ୍ମ ସୂତା ପୁଣି ବୁଢ଼ିଆଣୀପେଟରୁ ବାହାରେ । ଜାଲ ବୁଣିବା ପେଇଁ ଯୋଡ଼ ସୂତା ବୁଢ଼ିଆଣୀ ବ୍ୟବହାର କରେ ସେଇଟିକୁ ତୁମେ ଗୋଟିଏ ପରସ୍ତ ସୂତା ବୋଲି ଭାବିଥିଲ, ନା ?"

ଆମେ ମୁଣ୍ଡ ଟୁଙ୍ଗାରିଲୁ ।

ବାପା କହିଲେ, "ଏଥିପାଇଁ ପରା ମୁଁ କହେ, ଆଖି ଥାଉଁ ଥାଉଁ ଆମେ ଅନ୍ଧ । ପୃଥିବୀରେ ବହୁତ କଥା ଆମ ଆଗରେ ଘଟିଯାଉଛି । କିନ୍ତୁ ଆମେ ତ ଅନ୍ଧ । ଦେଖିବା କେମିତି ?" ତା ପରେ ସେ ବୁଝେଇ ଦେଲେ । ସେ କହିଲେ, "ବୁଢ଼ିଆଣୀ ପେଟରୁ ପ୍ରକୃତରେ ଖୁବ୍ ସରୁସୂତା ବାହାରେ । କିନ୍ତୁ ଜାଲ ବୁଣିଲାବେଳକୁ ବୁଢ଼ିଆଣୀ ସେ ସରୁସୂତା ଗୁଡ଼ିକ ଏକାଠି କରି ବଳି ଗୋଟାଏ ମୋଟା ସୂତା ତିଆରି କରେ, ଯୋଉଟାକୁ ତା ଜାଲରେ

ପଢ଼ିବା କୀଟ ପତଙ୍ଗମାନେ ସହଜରେ ଟାଣି ଛିଣ୍ଡେଇ ଦେଇ ପାରନ୍ତି ନାହିଁ । ତୁମେ ଯଦି ବୁଢ଼ିଆଣୀଠୁଁ ଖୁବ୍ ସରୁ ସୂତା ସଂଗ୍ରହ କରିବାକୁ ଚାହୁଁଚ, ତା'ହେଲେ ଏମିତି କରି-ପାରିବ ।

ଏହା କହି ସେ ସୂତାର ଗୋଟାଏ ପାଳ ମୋ ନଟେଇରେ ଗୁଡ଼େଇ ଦେଲେ । ଆଉ ପାଳଟା ଆରହାତରେ ଟାଣି ଧରିଥାନ୍ତି ।

ନଟେଇ ଗୁଡ଼େଇ ମୁଁ ଏଥର ଧୀରେ ଧୀରେ ସୂତା ସଂଗ୍ରହ କଲି ।

ବାପା ପୁଣି କହିଲେ, "ଦେଖ ପିଲାଏ, ଏ ଯୋଉ ସୂତା ବର୍ତ୍ତମାନ ନଟେଇକୁ ଆସିଲା ସେଇଟା ମୂଳସୂତା ପରି ମୋଟା ସୂତା ନୁହେଁ । ସେ ସୂତାର ଅଧା ବହଳ ହେବ ।"

ପାଞ୍ଚ ଛଅ ଫୁଟ ଖଣ୍ଡେ ସୂତା ବାହାର କଲାପରେ ବାପା ଆଉ ସୂତା ବାହାର କରିବାକୁ ମନା କଲେ ।

ସମସ୍ତେ ଏଥର ବିଶ୍ୱାସ କଲେ ଯେ ବୁଢ଼ିଆଣୀଠୁଁ ସୂତା ଆମ ମନଇଚ୍ଛା ସଂଗ୍ରହ କରିହୋଇ ପାରେ । କିନ୍ତୁ ତଥାପି ଗୋଟାଏ କଥାରେ ବିଶ୍ୱାସ ନ ଥିଲା ତାଙ୍କର ।

ସେମାନେ ପଚାରିଲେ, "ଆଚ୍ଛା, ବୁଢ଼ିଆଣୀ ସୂତା କି କାମରେ ଆସେ ଯେ ତା ପିଛା ଏତେ ପରିଶ୍ରମ ହଉଚ ।"

ଏଥର ଠୋ ଠୋ ହସିଲେ ବାପା । ସେ କହିଲେ, "ହଇରେ, ରାମାୟଣ ଆସି ଶେଷ ହେଲା, ଆଉ ତୁମେ ପଚାରୁଚ କଣ ନା ସୀତା କିଏ ? ଆରେ ତୁମେ ସିନା ଏକଥା ମତେ ମୂଳରୁ ପଚାରି ଥାଆନ୍ତ ! ବୁଢ଼ିଆଣୀ ସୂତା ଯଦି ମଣିଷର ଦରକାର ନଥାନ୍ତା, ତାହା-ହେଲେ ଏ ସୂତା ଦାମ ଏତେ ବହୁତ କାହିଁକି ହୋଇଥାନ୍ତା କହିଲ ? ଆଚ୍ଛା ଶୁଣ ! ଯୋଉଠି ଗୋଟିଏ ଅତି ସୂକ୍ଷ୍ମ ବିନ୍ଦୁକୁ ଦେଖିବାର ଦରକାର ପଡ଼େ, ସେଇଠି ଦରକାର ହୁଏ ବୁଢ଼ିଆଣୀ ସୂତା । ହରେକ କିସମର, ହରେକ ବହଳର ବୁଢ଼ିଆଣୀ ସୂତା ସବୁ ଦରକାର ପଡ଼େ । ଅଚ୍ଛା, ତୁମ ଭିତରୁ ଅଣୁବୀକ୍ଷଣ ଯନ୍ତ୍ରଟିଏ କିଏ ଦେଖିଛ ? ତା ଭିତରକୁ ଚାହିଁ ଦେଖିଛ ?"

ଆମେ ହଁ କଲୁ । ଆମ ସ୍କୁଲରେ ଗୋଟିଏ ଯନ୍ତ୍ର ଆମେ ବହୁତଥର ଦେଖିଛୁ; କିନ୍ତୁ ବୁଢ଼ିଆଣୀ ସୂତା ସେଠି କୋଉଠି ଲଗୁଛି ମ !

ବାପା କହିଲେ, "ଏଇ ଯନ୍ତ୍ରଭିତରେ ବୁଢ଼ିଆଣୀ ସୂତାର ଛକଟିଏ ଲଗାଯାଇ-ଥାଏ । ଯେ କୌଣସି ବିନ୍ଦୁକୁ ଦେଖିବାକୁ ହେଲେ, ଏଇ ଛକ ମଝିରେ ଯୋଉ ସୂକ୍ଷ୍ମ



(ବନ୍ଧୁକରେ ବ୍ୟବହୃତ ହେଉଥିବା ବୁଢ଼ିଆଣୀ ସୂତାର ଛକ ଦେଖି ଶିକାରୀମାନେ ଲକ୍ଷ୍ୟ ସ୍ଥିର କରନ୍ତି ।)

ଛନ୍ଦୁଟିଏ ହୁଏ ତାର ସହିତ ତାଙ୍କୁ ମିଳେଇ ଦେଖିବାକୁ ହୁଏ । ଏମନ୍ତକିଆ ଛକ ବହୁତ ଜାଗାରେ ଦରକାର ପଡ଼େ । ବନ୍ଧୁକ ଅଗରେ, ଶିକାରକୁ ଲକ୍ଷ୍ୟ କରିବାପାଇଁ ଏମିନ୍ତି ଗୋଟାଏ ଛକ ଦିଆଯାଇଥାଏ । ସେମିନ୍ତି ଦୂରବୀକ୍ଷଣ ଯନ୍ତ୍ରଟିର ମଧ୍ୟ ଏମନ୍ତକିଆ ଛକଟିଏ ଥାଏ । ବହୁତ ଯନ୍ତ୍ର ଏମନ୍ତ ଅଛି । ତେବେ କଥା ହେଲା ବିଭିନ୍ନ ପ୍ରକାର ବୁଢ଼ିଆଣୀ ସୂତା ବିଭିନ୍ନ ଯନ୍ତ୍ରରେ ବ୍ୟବହାର ହୁଏ । କୋଉଟି ଅତି ସରୁ ତ ଆଉ କୋଉଟି ଅତି ମୋଟା—ଏତେ ପ୍ରକାର ସୂତା ଯୋଉଠି ଦରକାର ପଡ଼େ ସେଠି ବୁଢ଼ିଆଣୀ ଚାଷ ବି ଦରକାର ପଡ଼େ । ଅନ୍ୟାନ୍ୟ ଦେଶରେ ଲୋକେ ଏ ଚାଷ କରୁଛନ୍ତି; କିନ୍ତୁ ସେ କାମ ଆମ ଦେଶରେ କରୁଛି କିଏ?

ଏତିକିବେଳେ ମୁଁ ମନେ ପକେଇ ଦେଲି, "ବାପା ! ସେ କାମ ପରା ମୁଁ କରିବି !"

ଏଥର କିନ୍ତୁ ଆଉ କେହି ହସିଲେ ନାହିଁ ।

———

# "କାଳୀ ବିଧବା" ନା ବୁଢ଼ୀ ମାଉସୀ ?

ତା ୧୭ । ୧୧ । ୧୯୫୮

କାଲି ରାତି ପାହାନ୍ତ ପହରକୁ ଗୋଟାଏ ଅଦ୍ଭୁତ ସ୍ୱପ୍ନ ମୁଁ ଦେଖିଲି । ଓହୋ ! ସେ ସ୍ୱପ୍ନର ପ୍ରଥମ କଥାଗୁଡ଼ାକ ଭାବିଲା ବେଳକୁ ମୋ ଦେହ କଅଣ ହୋଇ ଯାଉଛି । ସେ ଅନ୍ଧାର କଟିକଟି ଗୁମ୍ଫାଟା ଭିତରକୁ ମତେ କିଏ ନେଲା କେଜାଣି ! ତା ଭିତରେ ମୁଁ କେତେବେଳ ଯାଏ ଶୋଇଛି କେଜାଣି ? ଦୈବାତ୍ ଆଖି ଫିଟାଇ ମୁଁ ଦେଖେ ତ ଚାରିଆଡ଼ କଟ୍‌କଟ୍ ଅନ୍ଧାର । ସେ ଗୁମ୍ଫା ଭିତରେ ଆଉ କିଏ ଥିଲା କେଜାଣି ? ମୁଁ କାହାରିକି ଦେଖି ପାରୁ ନ ଥିଲି । ଖାଲି ଗାଁ ଗାଁ ହୋଇ କିଏ ଗୋଟାଏ ଘୁଙ୍ଗୁଡ଼ି ମାରୁଥିଲା ତା ଭିତରେ । ଭୟରେ ମୋ ଛାତି ଥରିବାକୁ ଲାଗିଲା । ପାଟି କରିବି କି ନାହିଁ, ଏମିତି ଭାବୁଛି; ହଠାତ୍ ଗୁମ୍ଫା ଭିତରଟା ଆଲୋକିତ ହୋଇ ଉଠିଲା । ବୋଧହୁଏ ଗୋଟାଏ ମସ୍ତବଡ଼ ଜୁଳୁଜୁଳିଆ ପୋକର ଆଲୁଅ ସେଇଟା । କିନ୍ତୁ ମୁହୂର୍ତ୍ତକ ଭିତରେ ଜୁଳୁଜୁଳିଆ ପୋକଟା କୁଆଡ଼େ ଉଭେଇ ଗଲା ଓ ସେଇ ଟିକିଏ ଆଲୁଅ ଭିତରେ ମୁଁ ଯାହା ଦେଖିଲି; ସେଥିରେ ମୋ କଲିଜା ପାଣି ହୋଇଗଲା ପରି ଲାଗିଲା । ଏତେବେଳ ଯାକେ ମୁଁ ଯାହାର ଘୁଙ୍ଗୁଡ଼ି ଶୁଣୁ ନ ଥିଲି ?—ସେଇଟାର ଭୟଙ୍କର ଚେହେରା ଦେଖିଦେଲାମାତ୍ରେ ମତେ ଜଣାଗଲା ଯେମିତି ଗୋଟିଏ ବୁଢ଼ିଅସୁରୁଣୀ ମତେ ଖାଇବ ବୋଲି ଟାକି ବସିଛି । ବୁଢ଼ି ଅସୁରୁଣୀର ଚେହେରାଟା ଏବେ ବି ମୋ ମନେ ଅଛି । ଗୋଟାଏ ମସ୍ତବଡ଼ ମାଙ୍କଡ଼ସା ଭଳିଆ ଦେଖିବାକୁ ତା ଦେହଟା । ଖାଲିକଣ ସେତିକି ? ଦେହମୁଣ୍ଡ ତାର ନିପଟ କଳା ଓ ଦେହସାରା ରୁମ ଭର୍ତ୍ତି ହୋଇଛି । ବିକଳରେ ମୁଁ ଗୋଟାଏ ପାଟି କରିବାକୁ ଯାଉଥିଲି, ଏତିକିବେଳେ ଗୋଟାଏ ଘାଡ଼ଡ଼ା ଗଳାରେ ମାଙ୍କଡ଼ସାଟା କଅଣ କହିଲା । ପ୍ରଥମେ ମୁଁ ତ କିଛି ବୁଝିପାରିଲି ନାହିଁ ସେ କଥାରୁ । ଗୁହ ଭିତରଟା ଖାଲି ଗୁମ୍ ଗୁମ୍ ଶବ୍ଦ କରୁଥାଏ—ମନ୍ଦିର ଭିତରେ ପାଟିକଲେ ଯେମିତି ଶୁଭେ ସେମିତି । କିନ୍ତୁ କିଛିସମୟ କାନଡେରି ଶୁଣିଲାପରେ ମୁଁ ମାଙ୍କଡ଼ସାର କଥା ବୁଝିପାରିଲି । ଭାରି କଅଁଳେଇ କରି ସେ ମତେ ଡାକୁଥିଲା—"କିରେ ବାବା ? ମତେ ଡରୁଛୁକି ? ନାହିଁ ନାହିଁ ମୁଁ ତୋର କିଛି କରିବି ନାହିଁ । ଆ, ଉଠ୍ !" ଏତିକିବେଳେ ଗୋଟାଏ ରୁମରୁମିଆ ହାତ ଆସି ମୋ ଉପରେ ପଡ଼ିଲା । ମୋ ଦେହ ଶିରଶିର ହୋଇ ଉଠିଲା । ବିକଳରେ ମୁଁ ଗୋଟାଏ ଅର୍ଘାତିଆ ପାଟି କରି ଉଠିଲି । ସେଇ ପାଟିରେ ମାଙ୍କଡ଼ଟା ଚମକି ପଡ଼ିଲା କି କଅଣ, ମୋ ଉପରୁ ହାତଟାକୁ ଟେକିନେଲା ସେ । ମୋ ପିଣ୍ଡରେ ଟିକିଏ ପ୍ରାଣ ପଶିଲା । କିନ୍ତୁ କିଛି ସମୟ ପରେ ମୁଁ ପୁଣି ତା ପାଟି ଶୁଣିପାରିଲି । ଏଥର ସେ ଭାରି ବିରକ୍ତ ହୋଇଯାଇଥିଲା । ସେ କହିଲା—

"କିରେ ଟୋକା ! ତୋର ତ ଖୁବ ଗର୍ବ ମୁଁ ଦେଖୁଛି । ଚଟେ ପସ ମୁଁ ମନାକଲି ମତେ ଡରନା ବୋଲି । ଏଁ ?"

ମୁଁ ଚୁପ୍‌ହୋଇ ଶୁଣୁଥାଏ । କିଛି ଉଁ କି ଚୁଁ ହେଉନଥାଏ । ତା ପରେ କଅଁଳେଇ-କରି ସେ ମତେ ପୁଣି ଡାକିଲା—

"ହଇରେ ବାବା ! ତୁମ ମଣିଷଗୁଡ଼ାକ ମତେ କାହିଁକି ଏମିତି ଡରନ୍ତି କିରେ ? ମୋ ନାଁ ସେମାନେ କୁଆଡ଼େ ଦେଇଛନ୍ତି "କାଳୀ ବିଧବା ?""

"କାଳୀ ବିଧବା ?"—ଏଇ ପଦକ କଥାରେ ମୋ ଦେହରୁ ପ୍ରାଣ ଛାଡ଼ିଗଲା । ହଠାତ୍ ବାପାଙ୍କ କଥା ମୋର ମନେ ପଡ଼ିଲା । "କାଳୀ ବିଧବା" ବୋଲି ଗୋଟିଏ ପ୍ରକାର ବୁଢ଼ିଆଣୀ କୁଆଡେ ଗୋଖରସାପ ଭଳି ବିଷଧର ଜନ୍ତୁ ଅଛନ୍ତି । ମୋ ପାଟି ଖନ ମାରିଆସିଲା । ମୁଁ ଯାହା ବା ଟିକିଏ ପାଟିକରିଥାଆନ୍ତି ଆଉ କରିନାହିଁ ।

ମତେ ଚୁପ୍ ହୋଇ ପଡ଼ିବାର ଦେଖି "କାଳୀ ବିଧବା" ଧୀରେ ଧୀରେ ମୋ ପାଖକୁ ପୁଣି ଆସିଲା । ତା ବିରକ୍ତି ସେ ପର୍ଯ୍ୟନ୍ତ ଯାଇନଥାଏ । ସେ କହିଲା, ହଇରେ ! ବୁଢ଼ିଆଣୀ ମାଙ୍କଡ଼ସାଙ୍କୁ ତୁମର ସବୁ ଏତେ ନାକ ଟେକା କାହିଁକିରେ ? ହଉ, ଆ, ଆ, ମୋ କୋଳକୁ ଆ !"

ଏଇଆ କହି ସେ ମୋତେ କାଖେଇ ନେଲା । ତା ଦେହର ଚିକ୍କଣ ଲୁମ-ଗୁଡ଼ାକ ମୋ ଦେହରେ ଯେମିତି ଲାଗିଯାଉଛି, ମୋ ଦେହ ପୁଣି ଥରି ଉଠିଲା । "କାଳୀ ବିଧବା" ମତେ ତା କାଖରେ ଭଲକରି ଯାକିଧରି କହିଲା, 'ଶୀତ ହଉଚିକିରେ ପୁଅ ! ହଉ ମୋ କାଖରେ ଶୋଇପଡ଼ କି ମୁଁ ତତେ ତୁମ ଘରକୁ ନେଇ ଛାଡ଼ିଦେଇ ଆସିବି ।

"କାଳୀ ବିଧବା"ର ଉଷୁମ କାଖରେ ପଶିଲା ପରେ ମତେ ଆଉ ଶୀତ ହେଉନଥିଲା । ମୋ ଦିହ ଗୃରପାଖେ କମଳ ଭଳି ତା ଲୁମିଆ ଚମଡ଼ା ମତେ ଲାଗୁଥାଏ । କେତେବେଳେ ଆମେ ଆସି ଆମ ଘରେ ପହଞ୍ଚିଲୁ ମୁଁ ଜାଣିନାହିଁ ।

ମତେ ମୋ ଖଟ ଉପରେ ଶୁଆଇଦେଇ "କାଳୀ ବିଧବା" ମୋ ଗାଲରେ ଗୋଟିଏ ଚୁମା ଦେଇ କହିଲା, "ହଉ ଶୋ, ଶୋ ମୋ ଧନ ! ଆଉ ଡରିବୁ ନାହିଁ ମତେ ? ମୁଁ ପରା ତୋ ବୁଢ଼ୀମାଉସୀ !"

ଏତିକି କହି ବୁଢ଼ୀମାଉସୀ ଯାଉଥିଲେ ଘ'ର । କିନ୍ତୁ କଅଣ ମନେ ହେଲା ସେ ପୁଣି ଫେରି ଆସିଲେ ମୋ ଶେଯ ପାଖକୁ । ମୋ ମନରୁ ଭୟ ତଥାପି ଭାଙ୍ଗି ନ ଥାଏ । ମୁଁ ଆଖି ବୁଜି ଦେଇଥାଏ ।

ବୁଢ଼ୀମାଉସୀ ମୋ ଶେଯ ପାଖରେ ବସି କହିଲେ, "ବାପାରେ ଏଇ ଜିନସଟିକକ ରଖିଥା ଦରକାରରେ ଆସିବ ।"

ଆଖିକୁ ଟିକିଏ ଖୋଲି ଦେଖିଲି ଯେ ବୁଢ଼ୀମାଉସୀ ମୋ ହାତରେ ପୁଳାଏ ବୁଢ଼ିଆଣୀ ସୂତା ରଖି ଦେଇଛନ୍ତି । ସୂତା ବଣ୍ଡିଲଟା ଏତେ ହାଲୁକା ଯେ ମୁଁ ତାକୁ ହାତରେ ଧରି ମଧ୍ୟ ଜାଣିପାରୁ ନ ଥାଏ । ବୁଢ଼ୀମାଉସୀ ମତେ କାହିଁକି ଏ ସୂତା ଦେଲେ ବୁଝିପାରିଲି ନାହିଁ । ଭୟ କମିଯାଇଥାଏ ମୋର ମନରୁ । କାହିଁକି ନା ବୁଢ଼ୀମାଉସୀ ମତେ ଖାଇବାର ହୋଇଥିଲେ କେତେବେଳୁ ଖାଇ ସାରନ୍ତେଣି । ଟିକିଏ ସାହସ କରି ମୁଁ ପଚାରିଲି, "ମାଉସୀ ! ଏ ସୂତା କଅଣ ହେବ ?"

ଚାଲି ଯାଉ ଯାଉ ବୁଢ଼ୀମାଉସୀ ହସି ହସି କହିଦେଇ ଗଲେ— "ରଖିଥା ଜାଣିବୁ ପରେ । ଏହି ସୂତା ଦାମ୍‌ରେ ତୋର ଗୋଟାଏ ଗରମ କୋଟ୍ ହୋଇଯିବ— ଏଥର ଜାଣିଲୁ ?

ମାଉସୀ ଚାଲିଗଲା ପରେ ମୋ ନିଦ ଚାଉଁକିନା ଭାଙ୍ଗିଗଲା । ଦେଖିଲାବେଳକୁ ମୋ ଉପରେ ଗୋଟିଏ କାଳିଆ କମଳ କିଏ ଘୋଡ଼େଇ ଦେଇଯାଇଛି । କମଳ ଭିତରେ ବେଶ୍ ଉଷୁମ ହେଉଥାଏ । ମତେ ପୁଣି ନିଦ ହୋଇଗଲା ।

— — —

# କୃଷକ-ପିମ୍ପୁଡ଼ି ମୋର ବନ୍ଧୁ ହେଲ

ଏଥର ପ୍ରତିଦିନ ସକାଳୁ ଉଠି ମୁଁ ବାପାଙ୍କ ସାଙ୍ଗରେ ବୁଲିବାକୁ ଗଲି । ସକାଳର ଶୀତଳ ସୁଲୁସୁଲୁ ବାଆ ଓ ନରମ ସୂର୍ଯ୍ୟକିରଣରେ ଟିକିଏ ବୁଲିଆସିଲେ ମୋତେ ଭାରି ଫୁର୍ତ୍ତି ଲାଗେ । ବାପା ମଧ୍ୟ ସେହିପରି ଫୁର୍ତ୍ତି ମନେକରୁଥିବେ ନିଶ୍ଚୟ; କିନ୍ତୁ ମନଖୁସିରେ ବାପା ମୋ ସାଙ୍ଗେ ଦଉଡ଼ି ପାରନ୍ତି ନାହିଁ ।

ସବୁଦିନ ପରି ଗତ ଜାଙ୍ଗୁଲୁ ଜାଙ୍ଗୁଲୁରୁ ଉଠି ଆଜି ଆମେ ବୁଲି ବାହାରିଲୁ । ବୁଲିବୁଲି ଗୋଟିଏ ବଡ଼ ପଡ଼ିଆରେ ପହଞ୍ଚିଲୁ । ଜାଗାଟା ଖୁବ ଖୋଲା । ଦୂରକୁ ଚାହିଁଲେ ଜଣାପାଏ ଯେମିତି କିଛିବାଟ ପରେ ଆକାଶ ପୃଥିବୀ ଉପରକୁ ଚାଲିଆସିଛି । ମୁଁ ସିଆଡ଼କୁ ଚାହିଁଛି ଏହି ସମୟରେ ଗୋଟାଏ ଅଦ୍ଭୁତ କଥା ଦେଖିଲି । ହଠାତ୍ ସେଇ ଆକାଶ ଓ ମାଟିର ମିଳନ ସ୍ଥାନଟି ହାଲ୍ଲେର ହୋଇଗଲା । ମୋ ଆଖି ଝଲସି ଗଲା । କାବା ହୋଇ ମୁଁ ବାପାଙ୍କୁ ପଚାରିଲି, "ବାପା, ଟାଟା କମ୍ପାନୀର ଆଲୁଅ ପରି ସେଇଟା କଅଣ ଦେଖାଯାଉଛି ?"

ମତେ ଯେତେବେଳେ ପାଞ୍ଚବର୍ଷ ହୋଇଥିଲା, ମାମୁଁଙ୍କ ସାଙ୍ଗରେ ମୁଁ ଟାଟା ଯାଇଥିଲି । ସନ୍ଧ୍ୟାବେଳେ ଆକାଶଟା ସେଠି ସେମିତି ଦେଖାଯାଏ ।

ବାପା କିଛି କହିବା ପୂର୍ବରୁ ମୋର ମନେ ପଡ଼ିଗଲା ଯେ ମୁଁ ପୂର୍ବଦିଗକୁ ମୁହଁକରି ଠିଆ ହୋଇଛି । କ୍ରମେ କ୍ରମେ ଲାଲ୍ ପେଣ୍ଡୁଟା ଉପରକୁ ଉଠିଆସିଲା । ଏମିତିକା ଲାଲପେଣ୍ଡୁ ପରି ସୂର୍ଯ୍ୟ ମୁଁ କେବେ ଆଗରୁ ଦେଖିନଥିଲି; କାରଣ, ଘରୁ ତ ମୁଁ ପଦାକୁ ଏତେ ସକାଳୁ ବାହାରୁ ନଥିଲି । ଯଦିବା ବାହାରୁଥିଲି ତାହାହେଲେ ଚାରିଆଡ଼କୁ ମୁଁ ଏତେ ଲକ୍ଷ୍ୟ କରୁନଥିଲି । ପୃଥିବୀରେ କେତେ ସୁନ୍ଦର ଜିନିଷ ଏମିତି ଆମ ପାଖରେ ଥାଇ ମଧ୍ୟ ଆମେ ଦେଖିପାରୁନା—ନୁହେଁ ?

ମୁଁ ଏମିତି ଭୋଳହୋଇ ଭାବୁଛି, ହଠାତ୍ ମତେ ଲାଗିଲା ଯେମିତି ପୁଳାଏ ନାଗଫେଣିଆ କଣ୍ଟା କିଏ ମୋ ପାଦ ଉପରେ ପକେଇଦେଲା । ପାଟିକରି ମୁଁ ଡେଇଁପଡ଼ିଲି ଟିକେ ଦୂରକୁ । ବସିପଡ଼ି ଦେଖେ ତ କେତେଗୁଡ଼ାଏ ମୋଟା ନାଲି ନାଲି ପିମ୍ପୁଡ଼ି ଟିଙ୍କ ପରି ମୋ ପାଦରେ ଲାଗିଛନ୍ତି । ରାଗରେ ମୁଁ ସେମାନଙ୍କୁ ଦଳିଦେବାକୁ ଲାଗିଲି । ପିମ୍ପୁଡ଼ି ରଜାଙ୍କୁ ମାରି ଧ୍ୱଂସ କରିଦେଲି ସିନା; କିନ୍ତୁ ମୋ ପାଦ ଝାଲି ହାଉ ହାଉ ହୋଇ ଜଳୁଥାଏ । ମୋ ଅବସ୍ଥା ଦେଖି ବାପା ମୋପାଖକୁ ଦଉଡ଼ି ଆସିଲେ । ଘାସପତ୍ର ଉପରେ ଆଖି

ଲୁହଭଳି ଚଳ ଚଳ ହେଉଥିଲା ବନ୍ଦୁ ବନ୍ଦୁ କାକର । ସେଇଥିରୁ ଟିକିଏ ଆଣି ବାପା ମୋ ପାଦରେ ମାରିଦେଲେ ।

ଏହି ସମୟରେ ମୋ ଆଖି ପଡ଼ିଲା ଜଣେ ଅଚିହ୍ନା ଲୋକ ଉପରେ । ଲୋକଟା ଲଇଁ ଲଇଁ ମାଟିଉପରେ କଅଣ ଖୋଜୁଥିଲା । ତାକୁ ଦେଖି ମୋ ସନ୍ଦେହ ହେଲା କିଏ ଏ ଲୋକ? କଅଣ ହଜେଇଲା ଭଳି ଏଠି କଅଣ ସେ ଖୋଜୁଛି ? ଦେଖ୍ ଦେଖ୍ ଲୋକଟା ଖାଲି ଖୋଜୁ ନ ଥିଲା । ଠାଏ ଠାଏ କଅଣ ଗୁଡ଼ାଏ ଗୁଣ୍ଡ ମାଟି ଉପରେ ଢାଳି ଢାଳି ସେ ଚାଲି ଯାଉଥିଲା ।

ଲୋକଟି କ୍ରମେ କ୍ରମେ ଦୂରକୁ ଚାଲିଗଲା । ସେ ଚାଲିଗଲା ପରେ ମୁଁ ଚୁପ୍‌ଚୁପ୍ ହୋଇ ମୋ ଜାଗାରୁ ଉଠିଲି । କି ଜିନିସ ସେ ମାଟିରେ ବୁଣିଲା । ନ ଦେଖିବା ଯାଏ ମୋର ତର ସହିଲା ନାହିଁ । ଉଠିଯାଇ ମୁଁ ଦେଖେ ତ ସେଗୁଡ଼ାକ ଆଉ କିଛି ନୁହେଁ— ଖାଲି ଚିନି ! ଯୋଉଠି ଯୋଉଠି ପିମ୍ପୁଡ଼ି ମନ୍ଦା, ସେଠି ସେଠି ସେ ଢାଳି ଦେଇ ଯାଇଛି ଚିନି ।

ଏ କଥା ଦେଖି ରାଗରେ ମୋ ହାଡ଼ ଜଳିଗଲା । ଗୋଡ଼ଟା ତ ଆଗରୁ ଜଳୁଥାଏ । ରାଗିକରି ମୁଁ ଭାବିଲି ପିମ୍ପୁଡ଼ି ବଂଶ ମୁଁ ଆଜି ଲୋପ କରିବି । ଚାଣକ୍ୟ ଯେମିତି କୁଶଗଛ ବଂଶ ଲୋପ କରିବେ ବୋଲି ପ୍ରତିଜ୍ଞା କରିଥିଲେ ମୁଁ ସେମିତି ପିମ୍ପୁଡ଼ି ବଂଶ ଲୋପ କରିବି ବୋଲି ପ୍ରତିଜ୍ଞା କଲି । ଏମିତି ବିଚାରି ମୁଁ ମୋ ଗୋଡ଼ ଉଠେଇଲି । ମନ୍ଦା ଚାରିପାଖେ ଯୋଉ ଘାସ ଗଛଗୁଡ଼ାକ ଉଠିଥିଲା ସେଗୁଡ଼ାକ ଆଡ଼େଇ ଦେଲି । ସାଙ୍ଗେ ସାଙ୍ଗେ ଝର ଝର ହୋଇ ଗୁଡ଼ାଏ ଘାସ ମଞ୍ଜି ମୋ ଗୋଡ଼ ଉପରେ ଝରି ପଡ଼ିଲା । ଲଇଁପଡ଼ି ମୁଁ ଦେଖେ ତ ପ୍ରତ୍ୟେକ ଘାସଗଛ ମୂଳକୁ ଲାଗିଛନ୍ତି ଗୋଟାଏ ଧାରି ପିମ୍ପୁଡ଼ି । ପ୍ରତ୍ୟେକଟି ପିମ୍ପୁଡ଼ି ମୁହଁରେ ଗୋଟାଏ ଗୋଟାଏ ଘାସ ମଞ୍ଜି । ମଞ୍ଜି ଘେନି ସେମାନେ ଫେରି ଯାଉଥିଲେ ମନ୍ଦାକୁ ।

ଏତିକିବେଳେ ମୁଁ ପୁଣି ଲକ୍ଷ୍ୟ କଲି ଆଉ ଗୋଟାଏ ମଜା କଥା । ଏନ୍. ସି. ସି. ପିଲାଙ୍କ ପରି ଧାଡ଼ି ଧାଡ଼ି ଚାଲୁଥିଲେ ପଞ୍ଚାଏ ପିମ୍ପୁଡ଼ି । ପ୍ରତ୍ୟେକଙ୍କ ମୁହଁରେ ଗୋଟାଏ କଅଣ ଛୋଟିଆ ଜିନିସ । ମୁଁ ପ୍ରଥମେ ଭାବିଥିଲି ସେଗୁଡ଼ାକ ପିମ୍ପୁଡ଼ିଙ୍କର ଆହାର; କିନ୍ତୁ ଆହାର ଧରି ସେମାନେ ମନ୍ଦାରୁ ବାହାରକୁ କାହିଁକି ପଳେଉଛନ୍ତି ? ଦେଖ୍ ଦେଖ୍ ହେଗୁଡ଼ାକ ଆହାର ନହେଁ କି ପିମ୍ପୁଡ଼ିର ଅଣ୍ଡା ବି ନୁହେଁ, ସେଗୁଡ଼ାକ ହଉଛନ୍ତି ଗୋଟିଏ ଗୋଟିଏ ଛୋଟ ପୋକ ।

ଏତକ୍କବେଳେ ବାପା ଆସି ମୋ ସାଙ୍ଗରେ ଯୋଗଦେଲେ । ଆମେ ଦୁହେଁ ଏହି ଧାଡ଼ିକ ପିମ୍ପୁଡ଼ି ଭିତରୁ ଗୋଟିକୁ ଲକ୍ଷ୍ୟ କଲୁ । ସେ ପିମ୍ପୁଡ଼ିଟି ମଧାଠୁଁ କଚ୍ଛ ବାହାରି ଗଲା । ତା ପରେ ଗୋଟିଏ କଅଣ ଛୋଟିଆ ଗଛଗଛ ପାଖରେ ଯାଇ ଅଟକି ଗଲା । ଗଛଟା ମୋଟେ ହାତେ ଖଣ୍ଡେ ଉଚ୍ଚ ହବ । ପିମ୍ପୁଡ଼ି କଅଣ କଲାନା ତା ମୁହଁରେ ଯୋଉ ପୋକକୁ ଧରିଥିଲା ତାକୁ ଗଛରେ ଛାଡ଼ିଦେଲା । ପୋକଟି ଗଛ ଉପରକୁ ଚଢ଼ିଗଲା । ଯାଇ ଯାଇ ସେ ଗଛ ଅଗରେ ପହଞ୍ଚିଲା । ଅଗର କଅଁଳିଆ ଗୋଟାଏ ଡାଳରେ ମୁହଁ ଗୁଞ୍ଜି ବସିଲା । ଟିକିଏ ସମୟ ଗଲା । ପିମ୍ପୁଡ଼ି ଏଣେ ତେଣେ ବୁଲୁଥାଏ । ତାପରେ ପୋକକୁ ଖୋଜି ଖୋଜି ସେ ଗଛ ଉପରକୁ ଚଢ଼ିଲା । ପୋକ ପାଖକୁ ଯାଇ ତା ଚାରିପଟେ ଘେରିଏ ବୁଲି ଆସିଲା ।

ଏଇଠି ବାପା କହିଲେ, "ବୁଲୁ, ଭଲକରି ଦେଖ ସେ ପିମ୍ପୁଡ଼ିକୁ । କଅଣ ସେ ଏଇଲାଏ କରିବ ଦେଖ୍ !"

ବାପାଙ୍କ କଥା ଶୁଣି ମୁଁ ନିରେଖି କରି ଦେଖିଲି । ଦେଖିଲି ଯେ ପିମ୍ପୁଡ଼ିଟା ତା ଶୁଣ୍ଢ ହଲେଇ ଆମ ପୋକକୁ ଟିକେ ଆଉଁଷି ଦେଲା । ତା ପରେ କଅଣ ହେଲା କେଜାଣି ପୋକ ପେଟରେ ମୁହଁ ଦେଇ ପିମ୍ପୁଡ଼ି କଅଣ ଟିକେ ଶୋଷିଲା କି କଅଣ । ତାପରେ ପୁଣି ସେ ପୋକକୁ ମୁହଁରେ ଧରି ଆଉ ଗୋଟାଏ ଜାଗାକୁ ଗଲା ।

ପ୍ରଥମେ ମୁଁ ଭାବିଲି ବୋଧେ ପିମ୍ପୁଡ଼ିଟା ପୋକ ପେଟରେ ମୁହଁ ଲଗେଇ ତାକୁ ଟିକେ କାମୁଡ଼ି ଦେଲା । କିନ୍ତୁ ପୋକକୁ ମୁହଁରେ ଧରି ସେ ଯୋଉଠୁ ସେଠା ଛାଡ଼ି ଆଉ ଠାକୁ ଯାଇ ପୁଣି ସେମିତି କଲା । ମୁଁ ବାପାଙ୍କୁ ପଚାରିଲି, "ବାପା ! ଏ ପୋକକୁ ପିମ୍ପୁଡ଼ି ଏମିତି କଲବଲ କରୁଛି କାହିଁକି ?"

ବାପା କହିଲେ, "ଆଚ୍ଛା ସବୁ କଥା ତୁ ତ ବର୍ତ୍ତମାନ ଦେଖିଲୁ ନିଜ ଆଖିରେ । ମୁଁ ଏଇଲାଏ କହିବି । ସେ ପିମ୍ପୁଡ଼ି କାହିଁକି ସେମିତି କରୁଛି ସେ ପୋକକୁ । ଶୁଣ, ଏଇ ପିମ୍ପୁଡ଼ି-ମାନେ ହଉଛନ୍ତି ଆମର କୃଷକ-ପିମ୍ପୁଡ଼ି ।"

"କୃଷକ-ପିମ୍ପୁଡ଼ି ?" ଏ ପ୍ରକାର ଅଦ୍ଭୁତ ନାଆଁ ଶୁଣି ମୁଁ ବଡ଼ ଆଶ୍ଚର୍ଯ୍ୟ ହେଲି ।

ବାପା କହିଲେ, "ହଁ, ଏମାନେ ପରା ଚାଷୀ ଲୋକ । ଦେଖିଲୁ, ଘର ଚାରିପାଖେ କେମିତି ଘାସ ଲଗେଇଛନ୍ତି !"

"ଘାସ ଗଛ ଲଗେଇଛନ୍ତି ? ପିମ୍ପୁଡ଼ିର କ'ଣ ଏତେ ବୁଦ୍ଧି ଅଛି ? ତାର କ'ଣ ହଳ ଲଙ୍ଗଳ ଅଛି ?" ମୁଁ ଗୋଟାକ ପରେ ଗୋଟାଏ ପ୍ରଶ୍ନ ପଚାରିଗଲି ।

ଉତ୍ତରରେ ବାପା କହିଲେ, "କୃଷକ-ପିମ୍ପୁଡ଼ିର ହଳ ଲଙ୍ଗଳ ଦିନା ନାହିଁ; କିନ୍ତୁ ସେ ମଞ୍ଜି ବୁଣେ । ବର୍ଷାଦିନ ପୂର୍ବରୁ ଘାସମଞ୍ଜି ଆଣି ସେ ମଦା ଗୃହପାଖରେ ବୁଣିଦିଏ । ବର୍ଷାଦିନେ ଘାସ ଗଛ ହୁଏ । ଫଳ ଫଳେ । ପୁଷମାସ ବେଳକୁ ଆମେ ଯେତେବେଳେ ଧାନ କାଟୁ ସେମାନେ ବି ଫସଲ ଆମଦାନି କରନ୍ତି । ଦେଖୁନୁ, କେମିତି ଘାସମଞ୍ଜି ସେମାନେ ଘରକୁ ନେଉଛନ୍ତି !"

ବାପାଙ୍କୁ ଅବିଶ୍ୱାସ କରିବାର ଯୁ ନ ଥିଲେ ବି କୃଷକ-ପିମ୍ପୁଡ଼ିଙ୍କ ବିଷୟରେ ମୋର ସନ୍ଦେହ ଟିକେ ଥାଏ। ମୁଁ ପଚାରିଲି, "ବାପା, ପିମ୍ପୁଡ଼ିଗୁଡ଼ାକ କ'ଣ ସତେ ଏତେ ବୁଦ୍ଧିଆ ? ତାହେଲେ ଏ କୃଷକ-ପିମ୍ପୁଡ଼ିର ଗାଈ କାହାନ୍ତି ? ଏଇ ପୋକଗୁଡ଼ାକ କଣ ତା ଗାଈ କି ?"

ବାପା କହିଲେ, ତା ହେଲେ ତୁ ଠିକ୍ ଠଉରେଇଛୁ । ଏ ପୋକଗୁଡ଼ାକ ହିଉଚନ୍ତି ପିମ୍ପୁଡ଼ିଙ୍କର ଗାଈ । ଆମେ ଯେମିତି ଗାଈ ପୋଷୁ, ଗାଈକୁ ଚରାଉ, ତାକୁ ଦୁହିଁ ଦୁଧ ଖାଉ ଓ ଗାଈ ବାଛୁରୀଙ୍କର ଯତ୍ନ ନେଉ ଏ ପିମ୍ପୁଡ଼ି ସେମିତି କରେ ଏ ପୋକଗୁଡ଼ିଙ୍କୁ । ଏ ପୋକଙ୍କୁ ସେ ତା ମଦାରେ ପୋଷେ। ତାଙ୍କ ଅଣ୍ଡାର ଯତ୍ନ ନିଏ । ତାଙ୍କୁ ବାହାରର ଶତ୍ରୁ ମୁହଁରୁ ରକ୍ଷା କରେ । ଫଳରେ ପିମ୍ପୁଡ଼ି କ'ଣ ପାଏ ଜାଣୁ !"

"କଅଣ ବାପା ?" ମୁଁ କାବା ହୋଇ ଚାହିଁଲି ବାପାଙ୍କ ମୁହଁକୁ । "ଫଳରେ ପିମ୍ପୁଡ଼ି ଏ ପୋକଙ୍କଦ୍ୱାରା ଗଛର ରସରୁ ମହୁ ସଂଗ୍ରହ କରେ । ଏ ପୋକଗୁଡ଼ାକ ଗଛରୁ ରସ ଶୋଷି ତାକୁ ପେଟରେ ଗୋଟାଏ ମିଠା ରସରେ ପରିଣତ କରନ୍ତି । ପିମ୍ପୁଡ଼ି ସେ ମିଠା-ରସତକ ତାଙ୍କଠୁଁ ସଂଗ୍ରହ କରନ୍ତି ।"

"ଏ କଥା କ'ଣ ସତ ବାପା ?" ମୁଁ ପଚାରିଲି ।

ବାପା କହିଲେ, "ପିମ୍ପୁଡ଼ିର ଗାଈକୁ ତ ହେଇଟି ଆଖି ଆଗରେ ଦେଖିଲୁ । ପିମ୍ପୁଡ଼ି ତା ଘରେ ଖାଲି ଏଇମାନଙ୍କୁ ପୋଷେ ନାହିଁ । ଆମେ ଯେମିତି ବିରାଡ଼ି କୁକୁର ଖେଳବସରରେ ଘରେ ପୋଷୁ ; ଏ ପିମ୍ପୁଡ଼ିମାନେ ସେମିତି ତାଙ୍କ ଘରେ ଗୋଟିଏ ଛୋଟ ମଶାକୁ ପୋଷନ୍ତି । ଏ ମଶାଠୁଁ ସେମାନେ କିଛି ଉପକାର ପାଆନ୍ତି ନାହିଁ । ଖାଲି ଖେଳ-ବସରରେ ତାଙ୍କୁ ଖାଇବାକୁ ଦେଇ ଘରେ ରଖନ୍ତି ।"

ସେଇଠୁଁ କହିଲି, "ଓ ! ପିମ୍ପୁଡ଼ିମାନେ ତା ହେଲେ ମଣିଷକୁ ଅନୁକରଣ କଲେଣି; କିନ୍ତୁ ସେମାନେ ଯଦି ଏତେ ବୁଦ୍ଧିଆ ତା ହେଲେ ମଣିଷଙ୍କ ଭିତରେ ଯେମିତି ବୁଦ୍ଧିଆ ଲୋକମାନେ ଆରଗୁଡ଼ାଙ୍କୁ ମାରିପିଟି ଖାଇଯାନ୍ତି; ପିମ୍ପୁଡ଼ିମାନେ ତ ସେମିତି କରୁଥିବେ !"

ମୋ ପିଠି ଥାପୁଡ଼େଇ ଦେଇ ବାପା କହିଲେ, ବୁଲୁ ! "ପିମ୍ପୁଡ଼ିଟିକୁ ଛୋଟିଆ ଜୀବ ଦେଖି ତୁ ଭାବିଲୁ ; ସେ ଖାଲି ଖେଳୁ ନାହିଁ ? ଜମା ନୁହେଁ—ମଣିଷଟାକର ବୁଦ୍ଧି ଏଡ଼େ ବକଟେ ପିମ୍ପୁଡ଼ି ମୁଣ୍ଡରେ ଅଛି—ଜାଣୁ ? ଦେଖ୍ ତ, ଏଇ ମଦାରେ ଲକ୍ଷ ଲକ୍ଷ ପିମ୍ପୁଡ଼ି କି ସୁଖରେ ଅଛନ୍ତି ? ମଦାରେ ଗୋଟିଏ ବୁଢ଼ୀରାଣୀ ତାଙ୍କର ଅଛି । ତାର ଚୋଲ ମାନ ତାକୁ ଘେରି ଏତେଗୁଡ଼ିଏ ପିମ୍ପୁଡ଼ି ଅଛନ୍ତି ଗୋଟାଏ ଜାଗାରେ; କିନ୍ତୁ କେବେ ହେଲେ ଝଗଡ଼ା ନାହିଁ, ରୁଷା ନାହିଁ, କଳି ନାହିଁ ଗୋଳ ନାହିଁ—ଏକାଠି ମିଳିମିଶି ଗୋଟିଏ ମଦାରେ କେଡ଼େ ସୁଖରେ ଅଛନ୍ତି ଦେଖିଲୁ ।"

ମୁଁ ପଚାରିଲି, "ପିମ୍ପୁଡ଼ି କ'ଣ ଅନ୍ୟ ପିମ୍ପୁଡ଼ିଙ୍କୁ ଆକ୍ରମଣ କରେ ନାହିଁ ବାପା !"

ଟିକିଏ ରହି ବାପା କହିଲେ, ଗୋଟିଏ ଦଳ ଅନ୍ୟ ଦଳକୁ ଆକ୍ରମଣ କରିପାରେ ଅବଶ୍ୟ; କିନ୍ତୁ ନିଜ ଦଳ ଭିତରେ ସେମାନେ ଖୁବ୍ ସୁଖରେ ଥାଆନ୍ତି । ନିଜ ନିଜର ଯାହା ଯାହା କାମ ରାଣୀ ତାଙ୍କୁ ବାଣ୍ଟି ଦେଇଛି । ସେଇ କାମ କରିବାରେ ତାଙ୍କର ସୁଖ । ଏଇଠି ମଣିଷ ଆଉ ପିମ୍ପୁଡ଼ି ଭିତରେ ତଫାତ୍ ରହିଛି ।"

"କଅଣ ସେଇଟା ବାପା !" ମୁଁ ପଚାରିଲି । "ମଣିଷ ଚାହେଁ ତା ନିଜର ସୁଖ; କିନ୍ତୁ ପିମ୍ପୁଡ଼ି ଚାହେଁ ତା ଦଳର ସୁଖ !" ଏଇଟା ସବୁଠୁଁ ବଡ଼ କଥା । ତୁ ଜାଣୁ ? ବୈଜ୍ଞାନିକ-ମାନେ କଅଣ କହୁଛନ୍ତି ? ସେମାନେ କହନ୍ତି ଯେ କେବେ ଏଇ କ୍ଷୁଦ୍ର ପିମ୍ପୁଡ଼ି ପ୍ରାଣୀ-ଜଗତରେ ମଣିଷର ଗାଦି ମାଡ଼ି ବସିବ ।"

( ତା ପରଠୁଁ ମୁଁ ଏଠିକି ଆସିଲେ ମୋ ବନ୍ଧୁ କୃଷକ ପିମ୍ପୁଡ଼ିମାନଙ୍କ ପାଇଁ କିଛି ଚିନି ଘେନି ଆସେ )

ଲଇଁପଡ଼ି ମୁଁ ପିମ୍ପୁଡ଼ି ମଦାକୁ ଟିକେ ଚାହିଁଲି । ଅତି ସମ୍ମାନ ଦେଖାଇ ମୁଁ କହିଲି—"କୃଷକ ପିମ୍ପୁଡ଼ି ! ଆଜିଠାରୁ ଆପଣ ମୋର ବନ୍ଧୁ ହେଲେ ।"

ମୋ ଗୋଡ଼ର ଜାଳା ତଥାପି ଯାଇ ନ ଥିଲା; କିନ୍ତୁ ବନ୍ଧୁ କୃଷକ ପିମ୍ପୁଡ଼ିକୁ ମୁଁ କ୍ଷମା ଦେଲି ।

ଆମେ ଘରକୁ ଫେରିଲୁ । କୁନି କୁନି ପିଲାମାନେ ଗୃହଳୀରେ ଗୀତ ବୋଲିବାକୁ ଆରମ୍ଭ କରିଦେଇଥିଲେ—

ବୈକୁଣ୍ଠ ସମାନ ଆହା
ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ
ଥାଏ ନିରନ୍ତର ।

ତା ପରଠୁଁ ମୁଁ ଏଠିକି ଆସିଲେ ମୋ ବନ୍ଧୁ କୃଷକ ପିମ୍ପୁଡ଼ିମାନଙ୍କ ପାଇଁ କିଛି ଚିନି ଘେନି ଆସେ ।

———

( ସମାଜର "ଶିଶୁରାଇଜ" ସୌଜନ୍ୟରେ )

# ଇଞ୍ଜିନିୟର ବିଭର

"କୃଷକ-ପିମ୍ପୁଡ଼ି" ସହିତ ଚିହ୍ନା ପରିଚିତ ହେବାର କିଛିଦିନ ବିତିଗଲାଣି । ଆମର ସକାଳ ବୁଲା ଟିକିଏ କମିଯାଇଛି । ଏଥିମଧ୍ୟରେ ମୋ ଦେହ ଟିକିଏ ଭଲ ନ ଥିଲା; ତେଣୁ ସକାଳ ବୁଲାଟା ବନ୍ଦ ଅଛି । ଆଜି ସକାଳୁ ମୁଁ ମୋ ପଢ଼ାଘରେ ବସିଛି ଏହି ସମୟରେ ମୋ ଘର ଭିତରକୁ ବାପା ହଠାତ୍ ପଶି ଆସିଲେ । ହାତରେ ସେ ଯୋଉ ଜିନିଷଟି ଧରିଥିଲେ ସେଥିରେ ମୋ ଆଖି ପଡ଼ିଗଲା । ଝପ୍ କରି ମୁଁ ମୋ ଜାଗାରୁ ଡେଇଁପଡ଼ି ଚିଠିଟିକୁ ବାପାଙ୍କ ହାତରୁ ନେଇ ଆସିଲି । ଚିଠି ଉପରେ ଉଡ଼ାଜାହାଜ ଛବି ଦେଖି ମୋ ମନ କୁଣ୍ଢେ ମୋଟ ହୋଇଗଲା । ଭାଇଙ୍କ ହସ୍ତାକ୍ଷର ଚିହ୍ନିବାକୁ ଡେରି ଲାଗିଲା ନାହିଁ । ଟିକେଟ୍‌ଟିକୁ ଭଲକରି ପରୀକ୍ଷା କଲି । ବାଃ, କି ସୁନ୍ଦର ଟିକେଟ୍ । ଏ ଚିଠି ମୋ ପାଖକୁ ଆସିଛି ? ମୋ ନାଆଁରେ ? ପୃଥିବୀ ସେପଟୁ ଆମେରିକାରୁ ଉଡ଼ି ଆସିଛି ଏ ଚିଠି ଖଣ୍ଡକ ମୋ ପାଖକୁ ? ମୁଁ ଖୁବ୍ ଖୁସିରେ ଚିଠିଟିକୁ ଖୋଲିଲି । ଟିକେଟ୍‌ଟିକୁ ସାବଧାନରେ ରଖିଲି । କାହିଁକି ନା ଡାକଟିକେଟ ମୁଁ ସଂଗ୍ରହ କରୁଥାଏ ।

ଚିଠି ଖଣ୍ଡକ ଫିଟେଇ ଦେଇ ଦେଖେ ତ ତା ଭିତରେ ଗୋଟିଏ ରଙ୍ଗିନ୍ ଛବି ! ଏଁ ? ଯାହେବ ପିଲାଟିଏ ତ ! ତଳେ ଲେଖା ହୋଇଛି—ତୁମର ରବର୍ଟ । କେଡ଼େ ସୁନ୍ଦର ପିଲାଟିଏ ମ ଏଇ ରବର୍ଟଟି ! ତା ଗୋରା ତକ ତକ ଦେହକୁ କୁଞ୍ଚୁକୁଞ୍ଚିଆ ବାଳ କେରକ ଭାରି ମାନୁଥାଏ । ଡେଙ୍ଗା ନାକକୁ ଦୁଇଟି ସୁନ୍ଦର ସବୁଜ ଆଖି ଦେଖି ଦେଇ ମୁଁ ଟିକିଏ ଚମକି ପଡ଼ିଲି । ଏଁ ? ଯାକୁ ମୁଁ କୋଉଠି ଦେଖିଛି କି ଆଉ !

ଚିଠିରୁ ଜାଣିଲି ଯେ ରବର୍ଟ୍ ମୋ ସାଙ୍ଗରେ ସାଙ୍ଗ ହବ ବୋଲି ଇଚ୍ଛା କରୁଛି । ଚିଠିଟିକୁ ଭଲକରି ଓଲଟ ପାଲଟ କରୁ କରୁ ଗୋପ ଭାଇଙ୍କ ଚିଠି ଭିତରୁ ବାହାରିଲା ଆଉ ଗୋଟିଏ ଅଦ୍ଭୁତ ଛବି ! ଛବି ତଳେ ରବର୍ଟର ଦସ୍ତଖତ ଦେଖି ମୁଁ ଜାଣିଲି ଏ ଛବିଟି ତାହେଲେ ରବର୍ଟ ପଠେଇଛି । ସାଙ୍ଗ ହେବାକୁ ହେଲେ ସେମାନେ ପ୍ରଥମେ ଉପହାରଟିଏ ଦିଅନ୍ତି । ବାଃ, ବଢ଼ିଆ ଛବିଟିଏ ତ ! କିନ୍ତୁ ଏ ଜୀବଟି କଅଣ ? ମୂଷାଭଳିଆ ତ ଦେଖାଯାଉଛି; କିନ୍ତୁ ତା ଲାଞ୍ଜଟା ଏମିତି ଚଟୁ ଭଳିଆ କ'ଣ ହୋଇଛି ! ଛବିଟିକୁ ଓଲଟେଇ ଦେଇ ଦେଖେ ତ, ଲେଖା ହୋଇଛି ବିଭର୍ ( BEAVER ) ।"
"ବିଭର୍ ?" ମୁଁ ମନକୁ ମନ ପଚାରିଲି; କିନ୍ତୁ ଏମିତି କୌଣସି ଶବ୍ଦ ମୋ ଜୀବନରେ ଶୁଣିଲା ଭଳି ମନେ ହେଲାନାହିଁ । କିନ୍ତୁ ରବର୍ଟ ଚିଠିରେ ବିଭର୍ କଥା କିଛି ଲେଖିନାହିଁ । ସେ ଖାଲି ତାକର୍ କଥା ଲେଖି ତାର ପରିଚୟ ଦେଇଛି, ସେତିକି । ତା ହେଲେ ରବର୍ଟ

ମୋ ବୁଦ୍ଧି ପରୀକ୍ଷା କରିବାପାଇଁ ଏ ଛବିଟି ପଠେଇଚ ? ଏମିତି ଭାବି ମୁଁ ଛବିଟିକୁ ଧରି ବାପାଙ୍କ ପାଖକୁ ଗଲି । ବାପା ବସି କଣ ଗୋଟାଏ ବହି ପଢୁଥିଲେ । କିନ୍ତୁ ମୁଁ ଜାଣେ ଏମିତିକା କଥାରେ ବାପା ତାଙ୍କ ପଢ଼ାପଢ଼ିରେ ଗୋଳମାଳ ହେଲେ ବି ମୋ ଉପରେ ରାଗନ୍ତି ନାହିଁ ।

ବାପା ଚିତ୍ରଟିକୁ ଦଣ୍ଡେ ଚାହିଁଲେ । ଚିହ୍ନା ଲୋକଙ୍କୁ, ବହୁତ ଦିନ ପରେ ଦେଖି-ଦେଲେ ଆମେ ଯେମିତି ଦୋ ଦୋ ଚିହ୍ନା ହଉ, ପୁଣି ଦଣ୍ଡକେ ଚିହ୍ନିପାଇ ତାକୁ କୁଣ୍ଡେଇ ପକଉ, ବାପା ସେମିତି ହେଲେ । ଜନ୍ତୁଟିକୁ ଚିହ୍ନିପକେଇ ସେ ଖୁବ୍ ଖୁସି ହୋଇଗଲେ । କହିଲେ, "ଓ, ଆପଣ ଅଜ୍ଞା ଏଠି ? କଅଣ ଏଇ ଉଡ଼ାଜାହାଜରେ ଆସିଲେ କି ଆମେରି-କାରୁ ?"

(ଜନ୍ତୁଟିକୁ ଚିହ୍ନିପକେଇ ସେ ଖୁସି ହୋଇଗଲେ । କହିଲେ, "ଓ ! ଆପଣ ଅଜ୍ଞା ଏଠି ? କଣ ଏଇ ଉଡ଼ାଜାହାଜରେ ଆସିଲେକି ? )

ବାପାଙ୍କ କାନ୍ଧକୁ ଜୋରରେ ହଲେଇ ଦେଇ ମୁଁ ତାଙ୍କ ଧ୍ୟାନଭଙ୍ଗ କଲି । ପଚାରିଲି, "ଏ ମହାଶୟ କିଏ ବାପା ? ଆମେରିକାର ମୂଷାମାନଙ୍କୁ ବି କଅଣ ଆପଣ ବୋଲି ଡାକ ଯାଏ ?"

ହସି ହସି ବାପା କହିଲେ, ପ୍ରାଣୀମାନଙ୍କ ମଧ୍ୟରେ ଜଣେ ଜଣେ ଖୁବ୍ ବୁଦ୍ଧିମାନ୍ ଅଛନ୍ତି । ସେମାନେ ଭଦ୍ରଲୋକ । ସେମାନଙ୍କୁ ଆପଣ କହିଲେ କିଛି କ୍ଷତି ନାହିଁ । ତା'ଛଡ଼ା ଏ ତ ଖୋଦ୍ ଇଞ୍ଜିନିୟର ବିଭର୍ ସାହେବ ! ଆମର ଅତିଥି ? ଏଁ ?"

ବାପା ଥଟ୍ଟା କରୁଛନ୍ତି କି ଭଲରେ କହୁଛନ୍ତି, କିଛି ନ ବୁଝିପାରି ମୁଁ କହିଲି, "ଇଞ୍ଜିନିୟର ସାହେବ ! କଅଣ ହେଲା ? ଆମ ଗୋପଭାଇ ଦିନକୁ ରାତି ଆଉ ରାତିକୁ ଦିନ କରି ପାଠ ପଢ଼ି ପଢ଼ି ହେଇଛନ୍ତି ଇଞ୍ଜିନିୟର । ପୁଣି କିଛି ନ ପଢ଼ି ମୂଷାଟାଏ ହେଲାଣି ଇଞ୍ଜିନିୟର ସାହେବ ! ଅଚ୍ଛା କଥା ତ !"

ବାପା ବୁଝେଇ କହିଲେ, "ଆଚ୍ଛା ବୁଢ଼ିଆଣୀ ଜାଲ ପରି ତୁ ଦେଖିଛୁ ? ମହୁମାଛିର ମହୁଫେଣା ପରି ତୁ ଦେଖିଛୁ ? ତା'ଛଡ଼ା, ବାୟା ଚଢ଼େଇର ବସା ପରି ତୁ ଦେଖିଛୁ ? ଆଛା କହ ତ, ଏ ଛୋଟ ଛୋଟିଆ ପିମ୍ପୁଡ଼ି ଗୁଣରେ ଗୋଟାଏ ଇଞ୍ଜିନିୟର ଠୁଁ କମ୍ ? ବୁଢ଼ିଆଣୀ ସୂତା ପରି ସରୁସୂତା ମଣିଷ ପରି ତିଆରି କରି ପାରୁନାହିଁ ! ତାହାହେଲେ ଏ ଜୀବମାନଙ୍କୁ ଆମେ କାହିଁକି ସମ୍ମାନ ଦେଖାଇବା ନାହିଁ ?

ବାପାଙ୍କ କଥା ଶୁଣି ମୁଁ ଟିକିଏ ଚୁପ୍ ହୋଇଗଲି । ଭାବିଲି, ସତକଥା— ପ୍ରାଣୀମାନଙ୍କୁ ବି ଖାତିର୍ କରିବା ଆମର ଉଚିତ୍ ; କିନ୍ତୁ ଏ ବିଭର୍ କ'ଣ କଲେ ବାପା ତ କହିଲେ ନାହିଁ ।

ମୋ ମନକଥା ଜାଣିଲା ପରି ବାପା କହିଲେ ।

"ଏ ବିଭର ଜନ୍ତୁଟି ସିନା ଦେଖିବାକୁ ମୂଷାଟିଏ; କିନ୍ତୁ ତାଙ୍କ କୋଠାବାଡ଼ି, ତାଙ୍କ ନାଳବନ୍ଧ, ନାଳ ଉପରେ ପୋଲ ଏ ସବୁ ଦେଖିଲେ ମନେହୁଏ ମଣିଷକୁ ଇଞ୍ଜିନିୟରିଂ ବୁଦ୍ଧି ଏଇ ଜୀବଟି ଶିଖେଇଛି !"

"ବାପା ! ଏଡ଼େ ଟିକେ ଜୀବ କୋଠାବାଡ଼ି କେମିତି କରେ ମ ! କଅଣ ଆପଣ କହୁଛନ୍ତି, ମୁଁ କିଛି ବୁଝି ପାରୁନି ତ !" ମୁଁ ବ୍ୟସ୍ତ ହୋଇପଡ଼ିଲି ।

ମତେ ବ୍ୟସ୍ତ ହେବାର ଦେଖି ବାପା ମୋ ହାତକୁ ଧରିପକେଇ ମତେ ତାଙ୍କ କୋଳକୁ ନେଇଗଲେ । ଗେଲ କଲା ଭଳି ସେ ମତେ ପଚାରିଲେ, "ଏଇ ଜନ୍ତୁଟିକି ଦେଖି ତୋ ମନରେ ଈର୍ଷା ହେଉଚି କରେ ବାପା ! ହଉ ପାଠ ପଢ଼ ଭଲକରି । ତୁ ବି ଜଣେ ଇଞ୍ଜିନିୟର ହେବୁ ଯେ !"

ବାପାଙ୍କ କଥା ଶୁଣି ମୁଁ ବ୍ୟସ୍ତ ହୋଇ କହି ପକେଇଲି, "ବାପା, ଆପଣ କ'ଣ ଏତେ ଶୀଘ୍ର ଭୁଲିଗଲେ କି ? ମୁଁ ପରା ବଡ଼ ହେଲେ ବୁଢ଼ିଆଣୀ ସୂତା ବ୍ୟବସାୟ କରିବି ! ଆପଣ ପରା ସେଇକଥା ମୋ ଡାଏରୀରେ ଲେଖିଛନ୍ତି !"

ହସି ହସି ବାପା କହିଲେ, "ଓ, ମୁଁ ତ ଭୁଲିଯାଇଥିଲେ ବାବୁ ! ସତକଥା ତ ! ଆରେ ମୁଁ ତ ବୁଢ଼ା ହେଇଗଲିଣିରେ—ବହୁତ କଥା ଭୁଲିଯାଉଛି ମୁଁ ଏବେ ।"

ବାପାଙ୍କ କଥାକୁ ଖିଆଲ ନ ରଖି ମୁଁ ପଚାରିଲି, "ଆପଣ ପରା ବିଭର୍ କଥା କହୁଥିଲେ ?"

ଜିଭ କାମୁଡ଼ି ପକେଇ ବାପା ପୁଣି ହସି ଉଠିଲେ । ହସି ହସି କହିଲେ, "ଆରେ ସତେ ତ ! ସେ କଥା ତ ମୁଁ ଭୁଲିଯାଉଛି । ଆଛା ଶୁଣ୍ । ତୋ ଭୁଲା ବାପା, ସବୁକଥା ଭୁଲି ଏଥର୍ ବିଭର୍ କଥା ତତେ କହିବ ।

"ଥରେ ଜଣେ ସାହେବ ଗୋଟିଏ ବଣରେ ବୁଲୁ ବୁଲୁ ଦେଖିଲେ ଯେ ଗୋଟାଏ ପାହାଡ଼ିଆ ନଈ ଭିତରେ କାଠଗଡ଼, ଝାଟି, ମାଟି ସବୁ ପଡ଼ି ଗୋଟିଏ ବନ୍ଧ ହୋଇଛି । ସେ ବନ୍ଧଟି ଦେଖି ସାହେବ ଖୁବ୍ ଆଶ୍ଚର୍ଯ୍ୟ ହେଲେ । ଭାବିଲେ—ଏତ ଏମିତିକିଆ ବନ୍ଧ, କଲା କିଏ ? ଏଠି ତ ଘରଦ୍ୱାର ଦେଖା ଯାଉନାହିଁ । ମଣିଷ ଏ ଜାଗା ମାଡୁଛି କି ନାହିଁ ସନ୍ଦେହ ! ଏଠି ପୁଣି ବନ୍ଧ କଲା କିଏ ! ବନ୍ଧଟି କେତେ ଲମ୍ବା ହୋଇଥିଲା ଜାଣୁ ?—ତିନଶହ ଅଶୀ ଫୁଟ !

ମୁଁ ବାପାଙ୍କ କଥାକୁ ନାପସନ୍ଦ କଲାଭଳି ଟିକିଏ ହସିଦେଲି । ବାପା କହିଲେ, "ମୋ କଥାକୁ ତୁ ବିଶ୍ୱାସ କରୁନୁ, ନା ? ଆଚ୍ଛା "ଶିଶୁ ସଙ୍କଳନ" ବହି ତ ତୋର ଅଛି, ପଢ଼ିବୁ । ତାପରେ ସେ ବନ୍ଧଟି ଗଢ଼ାଣିଆରେ କେତେ ହୋଇଥିଲା ଜାଣୁ—ପାଞ୍ଚ ଫୁଟ ! ଭାବିଲୁ ଦେଖି କେତେଟା ମଣିଷ କେତେଦିନ ଲାଗିଲେ ଏଡ଼େ ବଡ଼ ବନ୍ଧଟି କରିପାରିବେ ।"

ମୁଁ ପଚାରିଲି, "କଅଣ ? ଜଣେ ବିଭର୍ ଏତେ କାମ କରିଦେଲା ?"

ବାପା କହିଲେ, "ଏହା କ'ଣ ସମ୍ଭବ ? ନିଶ୍ଚୟ କେତେଗୁଡ଼ିଏ ବିଭର୍ ଏକାଠି ହୋଇ ଏ କାମ କରିଛନ୍ତି । ତୁ ଦେଖ୍, ଏକାଠି ହେଲେ ଯେଉଁ ସୁରୁଖୁରୁରେ କାମ ହୁଏ, ଜଣିକିଆ କେବେ ସେମିତି ହୁଏ ନାହିଁ । ବିଭର୍‌ମାନଙ୍କର କଥା ନଶୁଣୁଣୁ ତ ତୁ ଏମିତି ଅବିଶ୍ୱାସ କଲୁଣି । ତାଙ୍କ କଥା ଶୁଣିସାରିଲା ପରେ ତୁ କହିବୁ କଅଣ ନା ବାପା ଏବାରେ ମନରୁ ଯାହି କହୁଛନ୍ତି । ଆଉ ଏ ସବୁ କଥା ତ ବହିରେ ଅଛି । ଲୋକେ ନିଜେ ଆଖିରେ ଦେଖିଛନ୍ତି । ଶୁଣିବୁ ?"

ମୁଁ ମୁଣ୍ଡଟୁଙ୍ଗାଇ ହଁ ଭରିଲି ।

ବାପା କହିଲେ, ଇଞ୍ଜିନିୟରିଂ କାମ କରିବା ପାଇଁ ଦରକାର ପଡ଼େ ଯନ୍ତ୍ରପାତି । ଭଗବାନ ଇଞ୍ଜିନିୟର ବିଭର୍‌କୁ ଗୁଡ଼ିଏ ଟିକି ଟିକି ଦାଢ଼ୁଆ କରତ ଭଳି ଦାନ୍ତ ଦେଇଛନ୍ତି । ଏଇ ଦାନ୍ତ ସାହାଯ୍ୟରେ ସେ କାଠ କାଟେ । ମୋଟା ମୋଟା ଗଛ, ଏମିତିକି ତିରିଶ ଚାଳିଶ ଫୁଟ ମୋଟଗଛ ଗୁଡ଼ାକୁ, ବିଭର୍ ତା ଦାନ୍ତରେ କାଟି ପକାଏ । ଗୋଟାଏ ମଜାକଥା ଶୁଣ୍ । ଏଡ଼େ ବଡ଼ ବଡ଼ ଗଛଗୁଡ଼ାକୁ କାଟିଲାବେଳେ ବିଭରକୁ ତ ଭାରି ଡର ମାଡୁଥିବ, କାହିଁକି କହିଲୁ ?"

ମୁଁ କହିଲି, "କାଳେ ଗଛଗୁଡ଼ାକ ଢାଳୁକରି ବିଭର୍ ଉପରେ ପଡ଼ିବ—"

"ହଁ, ଏଇ ଯେ ଠିକ୍ କଥା । ସେଥିପାଇଁ ବିଭର୍ ମଧ୍ୟ ଭାରି ହୁସିଆର୍ ରହେ । ଗଛଟାକୁ କାଟୁ କାଟୁ ଯେମିତି ଟିକିଏ ମଡ଼ ମଡ଼ ଶବ୍ଦ ହୁଏନା ବିଭର୍ ତ ଛୁ ! ଗଛ ଯେମିତି

ତଳେ ପଡ଼େ ବିଭର ପଲ ମାଡ଼ି ଆସନ୍ତି । ମଣିଷ କୁରାଢ଼ିରେ କାଠକୁ ଚଡ଼ କଲା ପରି, ସେମାନେ କାଠକୁ ଗଡ଼ ଗଡ଼ କରି କାଟନ୍ତି । ତା ପରେ କ'ଣ କରନ୍ତି ନା କାଠଗଡ଼ଗୁଡ଼ିକୁ ଘରକୁ ନିଅନ୍ତି ।"

"ଘରକୁ ନିଅନ୍ତି ? ଏତେ ବଡ଼ ବଡ଼ ଗଡ଼ କ'ଣ ସେମାନେ ଟେକି ପାରନ୍ତି ?" ମୁଁ ପଚାରିଲି ।

"ଆରେ ବିଭର୍‌କୁ କଣ ଜଣାନାହିଁ ଯେ କାଠ ପାଣିରେ ଭାସେ ବୋଲି ? ବାପା କହିଲେ । ସେ ପୁଣି କହିଲେ, "ଖାଲି କ'ଣ କାଠ; ପଥରଖଣ୍ଡ ମଧ୍ୟ ପାଣିଏ ପାଣିଏ ସେମାନେ ବୋହି ନିଅନ୍ତି । ନଈକୂଳେ ମାଟିତଳେ ଏମାନଙ୍କର କାଠପଥର ଘର ହୋଇଥାଏ ଯେମିତି ପଦାକୁ ଦେଖାଯିବ ନାହିଁ, କିନ୍ତୁ ମାଟି ତଳେ ତଳେ ସୁଡ଼ଙ୍ଗ କରି ନଈ ପର୍ଯ୍ୟନ୍ତ ବାଟ ରଖିଥାଆନ୍ତି ସେମାନେ । ଘରପାଖକୁ ପୁଣି ଯେମିତି ପାଣି ଲାଗିରହିବ ତାର ବି ବ୍ୟବସ୍ଥା ସେମାନେ କରିଥାଆନ୍ତି । କେମିତି ଜାଣୁ ?"

"କେମିତି" ମୁଁ ଆଶ୍ଚର୍ଯ୍ୟ ହେଲି ।

"ନଈରେ ବନ୍ଧ କରି···"ବାପା ଉତ୍ତର ଦେଲେ ।

ମୁଁ ପଚାରିଲି "ବନ୍ଧ ପାଣି ତୋଡ଼ରେ ଭାଙ୍ଗି ଯାଏ ନା ?"

ହସି ହସି ବାପା କହିଲେ, "ହଁ, ସେଇଥିପାଇଁ ପରା ମୁଁ କହୁଛି ବିଭର୍ ସାହେବ ହେଉଛନ୍ତି ପ୍ରକୃତ ଇଞ୍ଜିନିୟରବାବୁ ! ମଣିଷ ଅଙ୍କ କଷି ଯାହା ବହୁତ ଦିନପରେ ଜାଣିଲା, ବିଭର୍‌କୁ ସେକଥା ମୂଳରୁ ମାଲୁମ୍ । ସେ ଜାଣେ ଯେ ଅର୍ଦ୍ଧଚନ୍ଦ୍ରାକାରରେ ବନ୍ଧ ତିଆରି କଲେ, ପାଣି ତୋଡ଼ରେ ବନ୍ଧ ସହଜରେ ଭାଙ୍ଗେ ନା । ବିଭର୍ ସେଇ ଅନୁସାରେ ନଈ ବନ୍ଧାଏ ।"

ବାପଙ୍କ କଥା ଶୁଣି ମୁଁ ଭାବିଲି ଏ ବିଭର୍ ସାହେବଙ୍କୁ ପ୍ରାଣୀମାନେ ନିଶ୍ଚୟ ବିଶ୍ୱକର୍ମା ଉପାଧି ଦେଇଥିବେ ।

ବିଭର୍‌ର ଛବିଟିକୁ ମୁଁ ରବର୍ଟ ଛବି ସହିତ ସାଇତି ରଖିଛି । ରବର୍ଟ ଯେମିତି ମୋ ସାଙ୍ଗ, ଏ ବିଭର୍‌ଟି ମଧ୍ୟ ମୋର ସାଙ୍ଗ ।

———

( ସମାଜର "ଶିଶୁରାଇଜର ସୌଜନ୍ୟରୁ )

# ରବର୍ଟର ଦେଶକୁ ଆମର ଦୂତ

ମୋ ଡାଏରୀ ପଢ଼ି ବାପା କଅଣ କହିଲେ—

[ ଆଗେ ସାହେବ୍‌ମାନେ, ଆମ ଦେଶକୁ ବାଘ ଓ ସାପମାନଙ୍କର ଜାଗା ବୋଲି କୁଆଡ଼େ କହୁଥିଲେ । ବାଘ ଓ ସାପ କହିଲେ ବହୁତ ଦେଶ ବର୍ତ୍ତମାନ ବୁଝୁଛନ୍ତି । କିନ୍ତୁ 'ଲାଖ' କହିଲେ ପୃଥିବୀ ମାନଚିତ୍ରରେ ପ୍ରଥମେ ଲୋକଙ୍କ ଆଖିପଡ଼ିବ ଆମରଦେଶ ଉପରେ । ବର୍ଷକୁ ପଚିଶ କୋଟି ଟଙ୍କା, ଏହି ଲାଖ ବ୍ୟବସାୟରେ ଆମକୁ ମିଳେ । କୌଣସି ପ୍ଲାଷ୍ଟିକ୍ ଏପର୍ଯ୍ୟନ୍ତ ଲାଖର ସ୍ଥାନ ପୂରଣ କରିପାରି ନାହିଁ; ତଥାପି "ଲାଖ ପୋକ" ଆମର ଅଚିହ୍ନା ଜୀବଟିଏ । ]

ଆଜି ମୋ ମୁଣ୍ଡ ଘୂରିଗଲାଣି । ରବର୍ଟର ଉପହାରଟି ପାଇଲି ସିନା; କିନ୍ତୁ ତା ବଦଳରେ ପଠେଇବି କଅଣ ? କୋଉ ଜିନିସ ବା ତାକୁ ଅପ୍ରାପତ ଥିବ ? ବାଘ, ଭାଲୁ, ହାତୀ, ଘୋଡ଼ା—ଏହି ଜୀବମାନଙ୍କୁ ତ ସମସ୍ତେ ଚିହ୍ନିଗଲେଣି । ଏପରିକି ବରଫ-ଦେଶରେ ଯୋଉ ଏସ୍କିମୋମାନେ ରହୁଛନ୍ତି, ସେମାନେ ବି ଜାଣିଯିବେଣି ଏମାନଙ୍କୁ । ରବର୍ଟ ପାଖକୁ ଏମିତି ଗୋଟିଏ ଚିଜ ପଠେଇବି ଯେ ଯାହାକୁ ସେ ଚିହ୍ନିପାରିବ ନାହିଁ; ଅଥଚ ତାଠୁଁ ଉପକାର ଗୁଡ଼ା ପାହିଲାଠୁଁ ଶୋଇଲାଯାକେ ସବୁବେଳେ ପାଉଥିବ । ସେଇ ଜୀବଟି ହିଁ ମୋର ଦୂତ ହେଇ ଯିବ ରବର୍ଟ ପାଖକୁ; କିନ୍ତୁ ଏମିତି କିଏ ଅଛି ?

ଭାବି ଭାବି ଯେତେବେଳେ ଥକିଲି ହାତ ଗୋଡ଼ ଯୋଡ଼ି ମୁଁ ଆଉ ବସି ପାରିଲି ନାହିଁ । ଦେଖିଲି ଏମିତି ବସିଲେ କିଛି ହବନାହିଁ । ଆଖି ଖୋଲି ବୁଲିଲେ କାଳେ ହବ ! ଏମିତି ଭାବି ମୁଁ ବୁଲି ବାହାରିଲି ।

ଘରଠୁଁ ରାସ୍ତାଏ ରାସ୍ତାଏ କେତେ ବାଟ ଯେ ଆସିଲିଣି ମୋର ମନେ ନାହିଁ । ଏତିକି-ବେଳେ ମୁଁ ଗୋଟାଏ ପାଟି କାହାର ଶୁଣିଲି । ସେ ପାଟି ଶୁଣି ମୁଣ୍ଡରୁ ଭାବନା ମୋର କୁଆଡ଼େ ଚାଲିଗଲା । କନକନ ହେଇ ଚାରିଆଡ଼କୁ ଚାହିଁ ଦେଖେତ ଖଣ୍ଡେଦୂରରେ ଗୋଟାଏ ଗାଈରଖୁଆଳ ପିଲା ଠିଆହୋଇ ପାଟି କରୁଛି । ତା ପାଟି ଶୁଣି ମୁ ଦଉଡ଼ ଦଉଡ଼ ତାର ପାଖକୁ ଗଲି । ପିଲାଟି ଏକେବାରେ ଡର ପାଇଛି । ମତେ ଦେଖି ସେ ଚୁପ୍ ହୋଇଗଲା ।

ମୁଁ ପଚାରିଲି, "କିରେ କଅଣ କରେ ? ସାପ ନା—କଅଣ ?"

ପିଲାଟି ଚୁପ୍‌ଚୁପ୍ କରି ମୋ କାନରେ କହିଲା, "ହେଇଟି, ସେ ପୋଉ ନିମ ଗଛ ନାହିଁ; ସେଥିରେ ଗୋଟାଏ ଭୂତ ଅଛି । ଦେଖିବ ଆସ କେମିତି ସେ ଭୂତ ଗଛକୁ କନ୍ଦାଉଛି ।"

ତା କଥା ଶୁଣି ମୁଁ ଟିକିଏ ଡରିଗଲି; କିନ୍ତୁ ସାହସ କରି ଆମେ ଦିହେଁ ଗଛ ପାଖକୁ ଗଲୁ । ଦେଖିଲାବେଳକୁ ସତକୁ ସତ ନିମଗଛ ଦିହରୁ ଝରଝର ହୋଇ ଅଠା ବାହାରୁଛି । ଖଣ୍ଡିଆ ନାହିଁ କି ଦଣ୍ଡିଆ ନାହିଁ, ଏମିତି କାହିଁକି ଅଠା ବାହାରୁଛି ? ମୁଁ କିଛି ବୁଝିପାରିଲି ନାହିଁ ।

ଆମେ ଦିହେଁ ସାଙ୍ଗ ହୋଇ ଗାଁକୁ ଆସିଲୁ ଏ ଖବର ଦେବା ପାଇଁ । କିନ୍ତୁ ଆମେ ଦେଖିଲୁ ଏ କଥା ଶୁଣି କେହି ଲୋକ ଆଶ୍ଚର୍ଯ୍ୟ ହେଲେ ନାହିଁ । ଯେମିତିକି ଏଇଟା ନିତି-ଦିନିଆ କଥା ।

କେବଳ ଆମ ଗାଁର ମଧୁଦାଶେ ଗୋଟିଏ କଥା କହିଲେ । ସେ କହିଲେ, "ବୋଧହୁଏ ସେ ଗଛରେ କୌଣସି ପୋକ ଲାଗିଗଲେଣି । ସେଇଥି ପାଇଁ ଅଠା ବାହାରୁଛି ।"

ଆମେ କହିଲୁ "ନିମ ପତ୍ର ସବୁ ପୋକ ମାରେ, ଆଉ ସେଥିରେ ପୁଣି ପୋକ ଲାଗିଲେଣି—ଏ କି କଥା ?"

ମଧୁଦାଶେ କହିଲେ, "ତାହେଲେ ମୁଁ କହିପାରିବି ନି, କାହିଁକି ସେଥିରୁ ଅଠା ବାହାରୁଛି । କିନ୍ତୁ ମୁଁ ଯେତେବେଳେ ବିହାରରେ ନ ଥିଲି ? ସେତେବେଳେ ମୁଁ ଦେଖିଛି ଲାଖ କେମିତି ଆମଦାନି ହୁଏ । ଲାଖ ପୋକମାନେ ବି ଏମିତି ଗୋଟାଏ ଗୋଟାଏ ପ୍ରକାର ଗଛ ଦିହରେ ଲାଗନ୍ତି । ତାଙ୍କଦେହରୁ ଝୁଣା ଭଳିଆ ଗୋଟାଏ ଜିନିଷ ବାହାରେ; ସେଇଥିରୁ ଲାଖ ଆମଦାନି ହୁଏ । ତୁମେ ସବୁ ଲାଖ ପୋକ ଦେଖିଛରେ ପିଲେ ?"

"ସେ କେମିତିଆ ଜିନିଷ । କାହିଁ ଆମେ ତ ଦେଖିନୁ !" ମୁଁ କହିଲି । ମଧୁଦାଶେ କହିଲେ; "ଏଁ, ଲାଖ ଦେଖି ନ ତୁମେ ? ଗ୍ରାମଫୋନ ରେକର୍ଡ ଦେଖିଛଟି । ସେ ଆଉ କଅଣ କି ?"

"କଅଣ ହେଲା ?" ମୁଁ ଟିକିଏ ବିରକ୍ତ ହେଲା ପରି କହିଲି, "ଗ୍ରାମୋଫୋନ୍ ରେକର୍ଡ ତ ପ୍ଲାଷ୍ଟିକ୍‌ରେ ତିଆରି !"

ମଧୁଦାଶେ ଟିକିଏ ହସିଦେଲେ । ସେ ହସଟା ମୋତେ ଭାରି ବାଧିଲା । କାହିଁକିନା ମଧୁଦାଶେ ସିନା ମୋଠୁଁ ବୟସରେ ବଡ଼; କିନ୍ତୁ ମୁଁ ଶୁଣିଛି ସେ କିଛି ପାଠଶାଠ ପଢ଼ି ନାହାନ୍ତି । ତଥାପି ସେ ଆମ କଥାରେ ହସିଦେଲେ ?

ମୁଁ ଟିକିଏ ବଡ଼ପାଟିରେ କହିଲି, "ତାହାହେଲେ ଆପଣ କିଛିଜାଣନ୍ତି କି ? ମୁଁ ଜାଣେ ଗ୍ରାମୋଫୋନ ରେକର୍ଡ ପ୍ଲାଷ୍ଟିକ୍‌ରେ ତିଆରି ହୁଏ । ପ୍ଲାଷ୍ଟିକ୍ ଯାହା ଲାଖ ସେଇଆ ।"

ମଧୁବାବୁଣେ ସିନା ପଢ଼ିନାହାନ୍ତି, ସେ କିନ୍ତୁ ଯାହା ବୁଝିଥିଲେ ସେକଥା ଠିକ୍ । ତାଙ୍କ ସହିତ ମୁକାବିଲା କରିବା ପାଇଁ ଆମେ ଆମର ହେଡ୍ ମାଷ୍ଟରଙ୍କ ପାଖକୁ ଗଲୁ । ହେଡ୍-ମାଷ୍ଟ୍ରେ୍ ସବୁକଥା ଶୁଣି ସାରିଲେ । ତାପରେ କହିଲେ, "ମଧୁବାବୁ ଯେତେବେଳେ ନିଜେ ଆଖିରେ ଦେଖିଛନ୍ତି, ତାଙ୍କ କଥା ନିଶ୍ଚୟ ଠିକ୍ । ଲାଖ ଏମିତି ଗୋଟିଏ ଜିନିସ ଯେ ଯାହାକୁ ଆମେ ସବୁବେଳେ ବ୍ୟବହାର କରୁଥାଇଁ; ଅଥଚ ତା ବିଷୟରେ ଆମେ କିଛି ଜାଣୁନା । ଗ୍ରାମୋଫୋନ୍ ରେକର୍ଡଗୁଡ଼ିକ ଅବଶ୍ୟ ପ୍ଲାଷ୍ଟିକରେ ହୋଇପାରିବ; କିନ୍ତୁ ଲାଖ ତିଆରି ରେକର୍ଡ ଭଳି କାମ ଦେବନାହିଁ ସେମାନେ ।"

ହଠାତ୍ ମୋ ମନେ ପଡ଼ିଗଲା । ଏତିକିବେଳେ ସେ ପ୍ରାଣୀଟି ମିଳିଛି ଯାହାକୁ ମୁଁ ମୋ ଦୂତ କରି ରବର୍ଟ ପାଖକୁ ପଠେଇ ପାରିବି । ମନକଥା ମନରେ ରଖି, ମୁଁ ପଚାରିଲି "ସାର୍, ଏ ପୋକଟିକୁ କ'ଣ ମଣିଷମାନେ ପୋଷନ୍ତି ନା ଏମିତି ତା ଛାଆଁକୁ ସେ ଜଙ୍ଗଲରେ ବଢ଼େ ?"

ସାର୍ କହିଲେ ତୁମେ ମଧୁବାବୁଙ୍କୁ ପଚାରୁ ନ । ସେ ତ ବିହାରରେ ଥିଲେ ।

ଅପାଠୁଆ ମଧୁବାବୁଙ୍କୁ ପଚାରିବାକୁ ଆମକୁ ଆଉ ଲାଜ ଲାଗିଲା ନାହିଁ । ଆମେ ସିନା ବହି ପଢ଼ି ଜ୍ଞାନ ଅର୍ଜନ କରୁଛୁ; ସେ ତ ନିଜେ ସେଇକଥା ଆଖିରେ ଦେଖି ଆସିଛନ୍ତି । ଏଥିରେ ପାଠୁଆ କ'ଣ ଅପାଠୁଆ କ'ଣ ? ତେଣୁ ମୁଁ ମଧୁବାବୁଙ୍କୁ ପଚାରିଲି । ତାଙ୍କୁ ପଚାରିବାକୁ ମତେ ଆଉ ଲାଜ ଲାଗିଲା ନାହିଁ । ତା ଛଡ଼ା ଏହି ପୋକଟି କଥା କେମିତି ଜାଣିବି ସେଥିପାଇଁ ମୁଁ ବ୍ୟସ୍ତ ହେଉଥାଏ । ରବର୍ଟ ପାଖକୁ ଲେଖିବାକୁ ହେବ ନା !

ମଧୁବାବୁ କହିଲେ, "ଆରେ ! ପୋକଟି ସିନା କାମିକା; କିନ୍ତୁ ଏତେ ସୁକୁମାର ପୋକ ନାହିଁ ନ ଥିବ । ଯୋଉଠି ଜନ୍ମ ହବ ସେଇଠୁ ବାରଘଣ୍ଟା ଅଭ୍ୟନ୍ତରରେ ଯଦି ଖାଦ୍ୟ ନ ମିଳିଲା ତାହେଲେ ଜାଣ ସେ ମଲା । ସେଇଥିପାଇଁ ତାକୁ ହେପାଜତ୍‌ରେ ରଖିବାକୁ ହୁଏ । ତାର କେମିତି ହେପାଜତ୍ ନିଆଯାଏ ଜାଣିଛରେ ପିଲେ ?" ମଧୁବାବୁ ଆମକୁ ପଚାରିଲେ ।

"କେମିତି ହେପାଜତ୍ ନିଆଯାଏ ସେ ପୋକର ?" ଆମେ ପୁଣି ପଚାରିଲୁ । ମଧୁବାବୁ କହିଲେ, "ସେଥିପାଇଁ ଲୋକ ଲଗିଥାନ୍ତି ପୋକଙ୍କ ପିଛା । ସେମାନେ

କ'ଣ କରନ୍ତି ନା; ଆଗ ମାଆମାନଙ୍କୁ ଲକ୍ଷ୍ୟ ରଖିଥାଆନ୍ତି । ଯୋଉ ପୋକର ଛୁଆ ହବାର କଥା ତାର ରଙ୍ଗ ଅନ୍ୟମାନଙ୍କଠୁଁ ଭିନ୍ନ ହୋଇଯାଏ । ରଖୁଆଳମାନେ, ଏଇ ପୋକ-ଗୁଡ଼ଙ୍କୁ ଧରିନେଇ ନୂଆ ନୂଆ ଗଛରେ ଛାଡ଼ନ୍ତି ।"

ଏ କଥା ଶୁଣି ସାର୍ ପଚାରିଲେ, "ଆଚ୍ଛା ମଧୁବାବୁ, ଲାଖ ପୋକଗୁଡ଼ିକ ପରା ଭାରି ଛୋଟ ଛୋଟ ପୋକ ! ସେମାନଙ୍କୁ ଚିହ୍ନାଯାଏ କେମିତି ?

ନଖ କଣରେ କଣେ ଜାଗା ଦେଖେଇ ମଧୁବାବୁ କହିଲେ, "ହେଇ ଏତେ ଟିକେ ଟିକେ ସେ ପୋକ, ନଖ କଣରେ ଧଇଁଟା କି ଗ୍ୟରଟା ପଶିଯିବେ; କିନ୍ତୁ ଚିହ୍ନିଲାବାଲା ତାଙ୍କୁ ଚିହ୍ନନ୍ତି । ତୁମେ ଆମେ ସିନା ହଠାତ୍ ଚିହ୍ନିବା ନାହିଁ,ନ ହେଲେ ସେମାନେ ଚଟାପଟ୍ ଚିହ୍ନି ଦିଅନ୍ତି ତାଙ୍କୁ । ଏକଥା ଶୁଣି ଆମର ଆଗ୍ରହ ଆହୁରି ବଢ଼ିଲା । ଆମେ ପଚାରିଲୁ "ଆପଣ ଲାଖ ଅମଳ ହେବାର ଦେଖିଛନ୍ତି ମଧୁବାବୁ ?" କାବା ହେଲାପରି ମଧୁବାବୁ କହିଲେ, "କଅଣ ହେଲା ! ଦି ଦି ବର୍ଷ କାଳ ମୁଁ ଛୋଟନାଗପୁରରେ ରହିଲି । ଲାଖ ଅମଳ ଦେଖିନାହିଁ ? ପୋକ ଦେହରୁ ଝୁଣା ଭଳିଆ ଯୋଉ ଜିନିଷ ସବୁ ବାହାରେ ସେଗୁଡ଼ିକ ସଂଗ୍ରହ କରି ତାକୁ ପୂରା ଚୂନା କରି ଦିଆଯାଏ । ତାପରେ ସେ ଚୂନାକୁ ସରୁ କନାରେ ଧରି ତାକୁ ଚୁଲ୍ଲୀ ପାଖରେ ଧରାଯାଏ । ଲାଖ ତରଳି ଗଲେ ପିଚୁ ତରଳିଲା ଭଳି କନା କଡ଼ରୁ ବାହାରେ । ଲୋକେ ତାକୁ ସଂଗ୍ରହ କରନ୍ତି । ସାଙ୍ଗେ ସାଙ୍ଗେ ଥଣ୍ଡା ହୋଇଗଲେ, ତରଳ ଲାଖ ପୁଣି ଟାଣ ହୋଇଯାଏ । ଏଇ ସବୁ ଲାଖକୁ ଲୋକେ କଲିକତା ବେପାରୀଙ୍କି ବିକି କରିଦିଅନ୍ତି । କ'ଣ କମି ଟଙ୍କା ପାଆନ୍ତି କିଓ ।"

ସାର୍ କହିଲେ, "ହଁ, ହଁ, ଠିକ୍ କଥା ଆପଣ କହିଛନ୍ତି । ଖାଲି କଲିକତା କାହିଁକି ବାହାରକୁ ମଧ ଲାଖ ଚାଲାଣ ହୁଏ । ଏକା ଆମେରିକା ପରା ପୃଥିବୀର ଯେତେ ଲାଖ ଆମଦାନି ହୁଏ ସେଥିର ତିନି ଭାଗରୁ ଭାଗେ କିଣିନିଏ ।"

"ଲାଖ ଆମର ଏତେ ବାଟ ଯାଏ ? ସତେ ?" ରବର୍ଟ କଥା ମୋର ମନେ ପଡ଼ିଗଲା ।

ସାର୍ କହିଲେ, "ଜାଣିଛ ପିଲେ ସମୁଦାୟ ଲାଖ ବ୍ୟବସାୟରୁ ଆମ ଭାରତ କେତେ ଟଙ୍କା ରୋଜଗାର କରେ ? ପଚାଶ କୋଟି ଟଙ୍କା ବର୍ଷକୁ !"

"ଏତେ ଟଙ୍କା !" ମୋ ହଲକ ଶୁଖି ଆସିଲା । ପକେଟ୍‌ରେ ମୋର ଥିଲା କେତେ ଜାଣ ? ମୋଟେ ଦି'ଅଣା ପଇସା — ଆଜ ଦିନକ ପାଇଁ ।

ସାର୍ ପୁଣି କହିଲେ, "ଲାଖର ସ୍ଥାନ ଅଧିକାର କରିବାକୁ ମଣିଷ ତିଆରି ପ୍ଲାଷ୍ଟିକ୍ ଖୁବ ଚେଷ୍ଟା କରୁଛି; କିନ୍ତୁ ଆଜି ପର୍ଯ୍ୟନ୍ତ ବହୁତ ଗୁଡ଼ିଏ ଜିନିଷ ତିଆରିରେ ପ୍ଲାଷ୍ଟିକ୍ ଲାଗିଲେ ବି; ଆହୁରି ଅନେକ ଜାଗାରେ ସେମାନେ ଲାଖର ପାସଙ୍ଗରେ ପଡ଼ୁନାହାନ୍ତି । କେତେ ରଙ୍ଗ, ବାର୍ନିସ, ଔଷଧ, ଛାପାକାଳି, ଯନ୍ତ୍ରପାତି ଏମିତିକି ଟେଲିଭିଜନ ତିଆରିରେ ଲାଖ ଯାହା ସାହାଯ୍ୟ କରୁଛି ପ୍ଲାଷ୍ଟିକ୍ ପାରିବ ନାହିଁ ।"



( ଘରକୁ ଫେରିଆସି ପ୍ରଥମେ ମୁଁ ମୋ ବହି-ଖାତାକୁ ଖୋଲେଇ ପକେଇଲି । ରଙ୍ଗଡବା ଆଣି ଚିତ୍ର ଆଙ୍କି ବସିଲି । )

ଘରକୁ ଫେରି ପ୍ରଥମେ ମୁଁ ବହି ଖାତାକୁ ଖୋଲେଇ ପକେଇଲି । ରଙ୍ଗ ଡବା ଆଣି ଚିତ୍ର ଆଙ୍କି ବସିଲି । ଲାଖ ପୋକଟି ଗୋଟିଏ ଓଡ଼ଶ ଭଳି ସିନା ଦେଖା ଯାଉଛି; କିନ୍ତୁ ମୁଁ ଜାଣେ ମୋ ଚିଠି ପଢ଼ିଲେ ରବର୍ଟ ନିଶ୍ଚୟ ଖୁସି ହୋଇଯିବ ।

# ପାଟି ତାର ବନ୍ଧୁକ, ପାଣି ତାର ଗୁଳି

ମୋ ଡାଏରୀ ପଢ଼ି ବାପା କଅଣ କହିଲେ—

[ ଏହି ମାଛଟିକୁ ଇଂରେଜିରେ "ଅର୍‌ଚର୍ ଫିସ୍" ବୋଲି କୁହାଯାଏ । ଶୀକାର କରିବାରେ ଏହାର ଗୋଟିଏ ସ୍ୱତନ୍ତ୍ର ପ୍ରଣାଳୀ ଅଛି । ଏହିମାଛର ଖେଳ ଦେଖିବା ପାଇଁ ବର୍ମା, ଶ୍ୟାମଦେଶର ଲୋକେ ଏହାକୁ ଘରେ ପୋଷନ୍ତି । ଗୋଟିଏ ମଜାକଥା ହେଉଛି ଯେ ଶୀକାର କରିବାଟା ଏହାର ଜନ୍ମଗତ ଗୁଣ ହେଲେ ବି ଏ ଛୋଟ ଛୋଟ ମାଛମାନେ ପିଲଟି ଦିନୁ ଲକ୍ଷିବାର ଅଭ୍ୟାସ କରନ୍ତି । ସେ ମଣିଷ ହେଉ କି ପଶୁ ହେଉ,ଦକ୍ଷତା ହାସଲ କରିବା ପାଇଁ ପ୍ରତ୍ୟେକଙ୍କ ପକ୍ଷରେ ଅଭ୍ୟାସ ଅତି ଆବଶ୍ୟକ ଅଟେ । ]

ଆଜି ନୂଆବର୍ଷର ପ୍ରଥମ ଦିନ ।

ନୂଆବର୍ଷର ନୂଆ ସକାଳ ହୋଇ ଆସୁଛି । ଦୂର ପାହାଡ଼ର ଟାଙ୍ଗର ମୁଣ୍ଡ ଉପରୁ ପରସ୍ତ ପରସ୍ତ କୁହୁଡ଼ି ପରଦା ଆଡ଼େଇ ଦେଇ ସୂର୍ଯ୍ୟଦେବ ବାହାରି ଆସିଲେ । ସୂର୍ଯ୍ୟଦେବ ଟହଟହ ହୋଇ ହସୁଛନ୍ତି । ସୂର୍ଯ୍ୟଦେବଙ୍କ ମୁହଁର ହସ ଦେଖି ସାରା ପୃଥିବୀ ମଧ୍ୟ ହସି ଉଠୁଛି । କାକର ଜୁଡୁବୁଡୁ ହୋଇ ଗଛ ହସୁଛି । ସୁଲୁସୁଲୁ ପବନରେ ଦୋହଲି ଦୋହଲି ପତ୍ର ହସୁଛି । ମୁଣ୍ଡ ହଲେଇ ହଲେଇ ହସି ଉଠୁଛି ଫୁଲ । ଏ ତ ଗଲା ଗଛବୃକ୍ଷଙ୍କ କଥା । ରାତି ଅଧରୁ ପଧାରୁ ମୁଣ୍ଡଗଳେଇ, କୁନିବାଛୁରୀଟି କେତେବେଳେ ତା ମାଠୁଁ ସବୁତକ ଦୁଧ ପିଇ ଦେଇଛି । ସକାଳୁ ଉଠି ଦେଖିଲାବେଳକୁ ସେ ବି ହସ ଖୁସିରେ ଡିଆଁ ମାରୁଛି ।

ଏମିତି ଆରମ୍ଭ ହେଲା ନୂଆବର୍ଷର ପ୍ରଥମ ସକାଳ । କିନ୍ତୁ ଏତେ ହସଖେଳ ଭିତରେ ମନଟା ମୋର ଭଲ ନାହିଁ, ଚିଡ଼ ଲାଗୁଥାଏ ଯେତିକି ଲାଜ ଲାଗୁଥାଏ ସେତିକି । ଏତେ ସାଙ୍ଗ ମୋର ଥାଉ ଥାଉ ନୂଆବର୍ଷର କାର୍ଡଖଣ୍ଡେ କେହି ଦେଲେ ନାହିଁ ? ଅଥଚ ନାନୀର ପାଞ୍ଚପାଞ୍ଚଟା ଚକ୍‌ଲଗା କାର୍ଡ ! କେତେ ସୁନ୍ଦର ଛବି ସବୁ ଅଛି ସେଥିରେ ! ନାନୀ ତାକୁ ବାକ୍‌ସରେ ସାଇତି ରଖିଛି ।

ଏମିତି ଭାବି ଭାବି ମୁଁ ଡାକଘର ଆଡ଼େ ଗଲି । ପୋଷ୍ଟମାଷ୍ଟର ବାବୁ ସବୁଦିନ ଭଳି ଆଜି ବି ଲାଗିପଡ଼ିଛନ୍ତି କାମରେ । ନୂଆବର୍ଷର ନୂଆ ଦିନରେ ବି ଫୁରୁସେତ୍ ନାହିଁ ତାଙ୍କୁ । ବାପରେ ବାପ୍ କି ଜଞ୍ଜାଳିଆ ଚାକିରୀ !

ଘୁଁଘୁଁ...ଘର୍‌ର୍...ଘୁଁଘୁଁ । ଡାକମଟର ଆସି ପହଞ୍ଚିଗଲା । ପୋଷ୍ଟମାଷ୍ଟରବାବୁ ଡାକଥଳୀ ରଖିଲେ । ଡାକଥଳୀର ମୁହଁ ଖୋଲିଲେ ସେ । ମୋଆଗରେ ଗଦେଇ ଦେଲେ ଗଦାଏ ଚିଠି । ଓଃ, କେତେ କାର୍ଡ ! ଏ ସବୁ କାହାର ? ମୋର କଣ ଖଣ୍ଡିଏ ହେଲେ ନ ଥିବ ?

ଏତିକିବେଳେ ଖଣ୍ଡିଏ ଚିଠି ବଢ଼େଇ ଦେଲେ ପୋଷ୍ଟମାଷ୍ଟର ବାବୁ । ବାସ୍ ! ସେଇ

ଖଣ୍ଡିକ ତ ଦରକାର ଥିଲା ମୋର ! ପୃଥିବୀ ସେକଡ଼ୁ ଚିଠି ଖଣ୍ଡିକ ଆସିଛି—ଏତେଦୂରରୁ ମଧ୍ୟ ମତେ କେଡ଼େ ମନେ କରୁଛି । ବାଃ, କି ସୁନ୍ଦର !

ଭାରି ଖୁସିରେ ଚିଠିଖଣ୍ଡିକ ମୁଁ ଖୋଲିଲି । ଭିତରୁ ବାହାରି ଆସିଲା ଗୋଟିଏ ଛବି; କିନ୍ତୁ ଏ କ'ଣରେ ବାବା ? ଏଥିରେ ତ ଦାଢ଼ିଆ ଅଜା,କି ଘୋଡ଼ାଗାଡ଼ି କି ମରୁଭୂମିର ଓଟର ଛବି ନାହିଁ ! ନାନୀର ତ କେତେ ସୁନ୍ଦର ଛବି ! ମୋ ମନ ଟିକିଏ ଖରାପ ହୋଇଗଲା । ତଥାପି ମନଦେଇ ମୁଁ ଆଗଚାହିଁଟିକୁ ଦେଖିଲି । ଦେଖିଲି ଛୋଟ କଉମାଛ ଭଳି ମାଛଟିଏ; କିନ୍ତୁ ସେ ଏମିତି ପିଚ୍‌କାରୀ ମାରୁଛି କଅଣ ! କଉମାଛ କ'ଣ ତା ପାଟିରେ ପିଚକାରୀ ମାରିପାରେ ? ନାଇଁ ତ ! କିନ୍ତୁ ଏ ପାଣିଧାରଟା ଉପରକୁ ପିଚ୍‌ପିଚ୍ ଉଠି ବାଜୁଛି ଯାଇ କେଉଁଠି ? ଓ ! ଗୋଟାଏ ପୋକ ବସିଛି ସେ ସେଠି ! ପାଣିମାଡ଼ରେ ପୋକର ଡେଣା ଭିଜିଯାଉନାହିଁ ! କିନ୍ତୁ ପ୍ରଥମ କଥା ହେଲା ଏଇଟା କି ମାଛ ? ବେଶ୍ ଶିକାରୀ ବୁଦ୍ଧିଟିଏ ଯୁଟିଛି ତ ଯା' ମୁଣ୍ଡକୁ !

ଆଚ୍ଛା, ମୁଁ ଆଗ ରବର୍ଟର ଚିଠି ପଢ଼େ । ମାଛକଥା ନିଶ୍ଚୟ ସେ ଲେଖିଥିବ ।

ମଣ୍ଟ୍ରିଲ୍ ସହର, କାନଡ଼ା
ତା ୨୫ । ୧୨ । ୫୯

ସ୍ନେହର ବୁଲୁଭାଇ,

ତୁମର ଚିଠିଟି ପାଇ ଭାରି ଖୁସି ହେଲି । ଆଗରେ ନୂଆବର୍ଷ । ଏଥିପାଇଁ ମୁଁ ଭାରି ବ୍ୟସ୍ତ ହେଲଣି ଭାଇ । ତୁମ ମନଲାଖି ଉପହାରଟିଏ ଖୋଜୁଛି ଯେ;କିନ୍ତୁ ଜମା ତ ପାଉନାହିଁ । ଗୃରଦିନ ତଳେ ମୁଁ ଯାଇଥିଲି ଗୋଟିଏ ଜଳଚର ଜୀବ ପ୍ରଦର୍ଶନୀ ଦେଖିବାକୁ । ସେଇଠି ମୁଁ ଏଇ ମାଛଟିକୁ ଦେଖିଲି । ଏ ମାଛକୁ ତୁମେ ଆଗରୁ ବୋଧେ ଦେଖିଥିବ କି କଅଣ— ସେଇଥିପାଇଁ ମୁଁ ଟିକିଏ ଦୋଦୋପାଞ୍ଚ ହେଉଛି ଆଜି ପଠାଇବାକୁ । ଏ ମାଛଟା ହେଉଛି ତୁମ ଆଡ଼କା ମାଛ । ବର୍ମା, ଶ୍ୟାମ ଦେଶରେ ନଈ ପୋଖରୀରେ ଏମାନେ ମିଳନ୍ତି । ସେଇଥିପାଇଁ ଭାବୁଛି ବୋଧେ ତୁମେ ଏ ମାଛକୁ ଆଗରୁ ଦେଖିଥିବ । ଯଦି ନ ଦେଖି-ଥାଅ ତା ହେଲେ ତ ଭଲ କଥା ।

ଏ ମାଛଟି ନାଆଁ ମଧ୍ୟ ସେମିତି ପ୍ରାଚୀନ ଢଙ୍ଗର । ଏହାର ଡାକନାଆଁ ହଉଚି "ବାଣୁଆ ମାଛ" । ଅବଶ୍ୟ ଏହାର ଭଲ ନାଆଁ ହଉଛି "ଟୋକୋଟ୍" । ତୁମେ ଭାବୁଥିବ ଲୋକେ ଖୁସିରେ ଏମିତି ତାକୁ ବାଣୁଆ ମାଛ ବୋଲି ଡାକନ୍ତି । ସେଇଥିପେଇଁ ଛବିଟି ପଠଉଚି । ଏ ମାଛକୁ ଲୋକେ ଖାଲି ଖାଆନ୍ତି ନାହିଁ, ଯାକୁ ଘରେ ପାଣିକୁଣ୍ଡମାନଙ୍କରେ ରଖନ୍ତି । ଖାଇବାକୁ ଦେଇ ପୋଷନ୍ତି । କାହିଁକି ପୋଷନ୍ତି କହିଲ ? ବାଣୁଆ ମାଛ କିନା, ତା ଖେଳ ଦେଖିବା ପାଇଁ ଲୋକଙ୍କର ସଉକ୍ ।

ଏ କେମିତି ଶିକାର କରେ ଜାଣ ଭାଇ ? ଏହାର ପାଟି ବନ୍ଧୁକର କାମ ଦିଏ ଓ ପାଣି ଠୋପା ସବୁ ଗୁଳିର କାମ ଦିଏ । ପାଟି ତାଳୁରେ ଜିଭ ଲଗେଇ ଏ ଗୋଟିଏ ସରୁନଳୀ ତିଆରି କରେ — ଆମେ ଫୁଇସିଲ୍ ମାରିବା ବେଳେ ଯେମିତି ମୁହଁକରୁ ସେମିତି । ଏ ମାଛର ଗୁଳି ଚାରି ପାଞ୍ଚଫୁଟ ଉଚ୍ଚକୁ ଯାଇ-ପାରେ । ଏତିକି କମ୍ ବାଟ ସିଧା ଯାଏ; କିନ୍ତୁ ଲକ୍ଷ୍ୟ ଅବ୍ୟର୍ଥ ! ଥରକରୁ ଦି ଥର ଗୁଳିକରିବା ଦରକାର ପଡ଼େ ନା । ଖାଲି କ'ଣ ସେତିକି ? ଏତେ ପ୍ରଖର ଦୃଷ୍ଟିଶକ୍ତି ଖୁବ୍ କମ୍ ଜୀବଙ୍କର ଥାଏ ଭାଇ ! ପାଣିତଳୁ ବାହାର ଦୁନିଆକୁ ଟିକି-ନିଖି କରି ଦେଖୁଥାଏ । ପାଣି ଉପରେ ଉଡ଼ୁ-ଥାଉ କି ବସିଥାଉ, କୌଣସି ପୋକ ଉପରେ ଆଖି ପଡ଼ିଗଲାତ ସେ ପୋକର ଆଉ ନିସ୍ତାର ନାହିଁ । ଆଉ ଗୋଟିଏ ଅଦ୍ଭୁତ କଥା ଶୁଣିବ ! ଏ ମାଛଗୁଡ଼ାକ ପିଲାଟିଦିନୁ ଶୀକାର ଅଭ୍ୟାସ କରନ୍ତି । ଲାଖବିନ୍ଧା ଶିଖନ୍ତି । ଦରକାର ନଥିଲାବେଳେ ବି ଠୁକ୍ ଠୁକ୍ କରି ଗୁଳି ମାରୁଥାନ୍ତି ଏ ପିଲାମାନେ । ଏମିତି କରି କରି ବଡ଼ ହେଲାବେଳକୁ ଲାଖ ଏମିତି ବଢ଼ି-ଯାଇଥାଏ ଯେ ଆମ ସୈନ୍ୟବିଭାଗର ଯେ କୌଣସି ଭଲ ରାଇଫଲ୍ ମାରିଲାବାଲାଠୁଁ ବି ବେଶି ଲାଖ ତାଙ୍କର ଥାଏ । ମୁଁ ଯାହା ଦେଖୁଛି, ସେ ମଣିଷ ହେଉ କି ପଶୁ ହେଉ, ଯେ କୌଣସି ବିଷୟରେ ଦକ୍ଷତା ଆଣିବାକୁ ହେଲେ ସେ ବିଷୟରେ ବାରମ୍ବାର ଅଭ୍ୟାସ କରିବା ବୋଧହୁଏ ପ୍ରଥମେ ଦରକାର ।



(···ଲାଖ ଏମିତି ବଢ଼ିଯାଇଥାଏ ଯେ ଆମ ସୈନ୍ୟବିଭାଗର ଯେ କୌଣସି ଭଲ ରାଇଫଲ୍ ମାରିଲା ବାଲାଠୁଁ ବି ବେଶି ଲାଖ ତାଙ୍କର ଥାଏ······ । )

ହଉ ଭାଇ ରହିଲି । ନୂଆବର୍ଷରେ ତୁମର ଶୁଭ କାମନା କରି ରହିଲି । ଇତି ।

ତୁମର ଭାଇ
ରବି

———

( ସମାଜର "ଶିଶୁରାଇଜ" ସୌଜନ୍ୟରେ )

# କାରୁଲୁ ଅଜାଙ୍କର ବଣଘରକର କଥା

ମୋ ଡାଏରୀ ପଢ଼ି ମଉସା କଅଣ କହିଲେ—

[ ବଣର ଛାଇ ଆଲୁଅ ସଙ୍ଗେ ନିଜକୁ ମିଶାଇ ନେବା ପାଇଁ ବାଘ ଦେହର ପଟାପଟା ଛଉଛଉକା ରଙ୍ଗ ଯେମିତି ଦରକାର, ବଣର ବଦଳି ଯାଉଥିବା ଗଛପତ୍ର ଫୁଲଫଳର ରଙ୍ଗ ସାଙ୍ଗେ ନିଜକୁ ମିଳେଇ ନବା ପେଇଁ ସେମିତି ରଙ୍ଗ ବଦଳାଇବାର କ୍ଷମତା ଦରକାର ବହୁରୂପାର । କାହାର ଦେହର ରଙ୍ଗ କେମିତି ହେଲେ ଭଲ ହବ ଏକଥା ପ୍ରକୃତି ମାଆ ଠିକ୍ କରିଦେଇଛନ୍ତି ଆଗରୁ । ନିଜ ଦେହର ରଙ୍ଗ ଯୋଗୁ ପ୍ରତ୍ୟେକ ଜୀବ ଗର୍ବ କରେ— ମଣିଷ ମଧ୍ୟ । ଗୋରା ଲୋକଙ୍କୁ ତା ଦେହର ରଙ୍ଗଟି ଯେମିତି ଭଲ ଲାଗେ, କଳା ଲୋକକୁ ମଧ୍ୟ ତା ନିଜ ଦେହର ରଙ୍ଗଟି ସେମିତି ଭଲ ଲାଗେ । ଏକଥା ସତ କି ନା—କାରୁଲୁ ଅଜାଙ୍କୁ ପଚାର ! ତଥାପି ପଞ୍ଚାଏ ଚାହାନ୍ତି ଏ ସଂସାରଟା ଏକେବାରେ ଧଳା ହୋଇଯାଉ—ଏକଥା, କୋଉ ଆଜିକାର କଥା ? ]

ପନ୍ଦର ଦିନ ହବ ମୁଁ ଏଠିକି ଆସିଲିଣି । ଖରା ଛୁଟିଟାଯାକ ଏଇଠି ରହିଯିବାକୁ ମାଉସୀ କହୁଛନ୍ତି । ମୋର ବି କିଛି ଆପତ୍ତି ନାହିଁ; କିନ୍ତୁ ବାପା ଲେଖିଛନ୍ତି ଶୀଘ୍ର ଘରକୁ ଫେରିଯିବାକୁ । ବୋଉର ଦିହ ଭଲ ନାହିଁ ।

ମତେ ଏ ଜାଗାଟା ଭାରି ଆରେଇ ଗଲାଣି । ମତେ ସବୁଠୁଁ କୋଉ ଜିନିଷଟା ଏଠି ଭଲ ଲାଗୁଛି ଜାଣ ?—ସେ ପାହାଡ଼ଟା ।

ଗୁଣ୍ଠୁଣୀ ହାତୀଟିଏ ଭଳି ସେ ପାହାଡ଼ଟି ସେଠି ଠିଆ ହୋଇଛି । ହାତୀକୁ ଦେଖଣାହାରୀ ମଣିଷଗୁଡ଼ାଏ ଘେରିଗଲା ଭଳି ଗୁଡ଼ାଏ ଛୋଟ ଗଛ ପାହାଡ଼ ଚାରିଆଡ଼େ ତାକୁ ଘେରି ଯାଇଛନ୍ତି । ସେ ଗହଳିଆ ବଣ ଭିତରେ କୁଆଡ଼େ ବାଘ ଭାଲୁ ଅଛନ୍ତି । ରାତିରେ ବେଳେ ବେଳେ ଆମେ ଗୋଟାଏ ଅଦ୍ଭୁତ ଶବ୍ଦ ଶୁଣୁ । ମଉସାଙ୍କ ପୁଅ ବାବୁଲି କହେ ଯେ ବାଘ ହେଣ୍ଟାଳ ମାରୁଛି ସେ ବଣରେ ।

ଦିନବେଳେ ପାହାଡ଼ ଉପରେ କେତେଟା ପୁରୁଷ ଓ ସ୍ତ୍ରୀ ଲୋକ ବୁଲିବାର ଆମେ ଦେଖିଛୁ । ସେମାନେ କୁଆଡ଼େ କାରୁଲୁ ଅଜାଙ୍କ ଜାତିଭାଇ ।

କାରୁଲୁ ଅଜା ପ୍ରତି ଶନିବାର ଦିନ ଆମ ପେଇଁ ବଣରୁ କାଠ ଆଣନ୍ତି । ସେଇ ଅଗନାଅଗନି ବନସ୍ତରେ କୁଆଡ଼େ କାରୁଲୁ ଅଜାଙ୍କ ଘର । ବଣର ବାଘ ଭାଲୁଙ୍କୁ ତାଙ୍କର ବୋଧେ ପରବାଏ ନ ଥାଏ । ସେ ହେଉଛନ୍ତି ଜାତିରେ ଶବର । ସେଇ ଯୋଉ ଜରାଶବର କଥା ଆମେ ମହାଭାରତରେ ପଢ଼ିଛେ ତାଙ୍କର ବଂଶଧର ।

କାରୁଲୁ ଅଜାଙ୍କୁ ଦେଖିଲେ ପ୍ରଥମେ ପ୍ରଥମେ ମତେ ଭାରି ଡର ଲାଗୁଥିଲା । ପିଲାଦିନୁ କଳାଲୋକଙ୍କ ପ୍ରତି ମୋର ଗୋଟିଏ ଘୃଣା ଥିଲା । କିନ୍ତୁ କାରୁଲୁ ଅଜାଙ୍କ ସାଙ୍ଗରେ ଟିକିଏ ଭଲକରି ଚିହ୍ନା ହୋଇଗଲା ପରେ ମନରେ ମୋର ଆଉ ଭୟ ନାହିଁ କି ଘୃଣା ନାହିଁ ।

କାବୁଲୁ ଅଜା ଆସିବା ମାତ୍ରକେ ଆମେ ପିଲାଏ ତାଙ୍କୁ ଘେରିଯାଉ । ସେ ହେଉଛନ୍ତି ବଣସ୍ୱଇଜର ସାମ୍ବାଦିକ । ବଣସ୍ୱଇଜରେ ଯାହା ଯାହା ଘଟେ ସେକଥା ତ ଖବର କାଗଜରେ ବାହାରେ ନାହିଁ; କାବୁଲୁ ଅଜା ନିଜେ ଆମକୁ କହିଦେଇ ଯାଆନ୍ତି । ବଣସ୍ୱଇଜରେ ପୁଣି ଏତେ ଲୋକ ଅଛନ୍ତି, ବଣ ଭିତରେ ପୁଣି ଏତେ ବଡ଼ ବଡ଼ ଘଟଣା ଘଟେ, ସେକଥା ଆମେ ସବୁ ପଦାରେ ଥାଇ ଜାଣିପାରୁ ନା ।

ଆରଥର କାବୁଲୁ ଅଜା ଆସିଥିଲେ ଯେ କହୁଥିଲେ କୁଆଡ଼େ ଗୋଟାଏ ମହାବଳ ବାଘ ତାଙ୍କ ନାତିକି ଖାଇଦେଲା । ଏ ଖବର ଶୁଣି କାବୁଲୁ ଅଜା ମହାବଳର ଗୁହାକୁ ନିଜେ ଏକା ଗଲେ । ଦେଖିଲେ ଯେ ମହାବଳ ପିଲାଟାକୁ ମାରିସାରିଲାଣି । କାବୁଲୁ ଅଜା ରାଗିଯାଇ ଟାଙ୍ଗିଆରେ ଏକା ଚୋଟକେ ବାଘଟାକୁ ହାଣି ଦିଗଡ଼ କରିଦେଲେ ।

ବଣସ୍ୱଇଜରେ ପ୍ରକୃତ ରଜା ହେଉଛନ୍ତି ଏ କାବୁଲୁ ଅଜା । ତାଙ୍କ ମନଟା ବି ସେମିତି ରଜା ପରି ।

ଆମ ପିଲାଙ୍କୁ ସେ ପ୍ରାଣରୁ ବଳି ଭଲ ପାଆନ୍ତି । ଏଥିରେ କି କେହି କଳା ଗୋରା ବାଛି ବସେ ? ଆମେ ସମସ୍ତେ କାବୁଲୁ ଅଜାଙ୍କ ପିଠିରେ ଲାଉ ହୋଇପଡ଼ୁ । ବଣରୁ ସେ ଆମ ପେଇଁ ଯାହା ଫଳମୂଳ ଆଣିଥାନ୍ତି ଦିଅନ୍ତି । ଥରେ ଥରେ ବଣରୁ ସେ ଗୋଟାଏ ଗୋଟାଏ ଅଦ୍ଭୁତ ଜୀବ ଧରି ଆଣନ୍ତି—ବାବୁଲି ଖୁସି ହେବ ବୋଲି ।

ଆଜି କଅଣ ହେଇଚି ଜାଣ ? କାବୁଲୁ ଅଜା ଆଜି ସକାଳେ କାଠଗୋଛା ଧରି ଆସିଥିଲେ । ଆମେ ତ ଜାଣୁ କାବୁଲୁ ଅଜା ନିଶ୍ଚୟ କିଛି ଭଲ ଜିନିଷ ଆଣିଥିବେ । ଝାଳନାଳ ଆଣ୍ଠିଏ ହେଇ ସେ ଯେମିତି ଆସି ପହଞ୍ଚିଗଲେ, ପିଲାଏ ଘେରିଗଲେ ତାଙ୍କୁ । କିଏ ତାଙ୍କ ଅଣ୍ଟା ଦରାଣ୍ଡି ପକେଇଲା ତ, କିଏ କାଠଗୋଛାର ଅନ୍ଦିକନ୍ଦି ସବୁ ଖୋଜି ପକେଇଲା; କିନ୍ତୁ କେହି କିଛି ପାଇଲେ ନାହିଁ । ମୁହଁଶୁଖେଇ ଯେଝାଯେଝାର ଠିଆହେଲେ । କାବୁଲୁଅଜା ସବୁ କଥା ଦେଖୁଥାଆନ୍ତି; କିନ୍ତୁ ମୁହଁଫିଟେଇ କିଛି କହୁନଥାନ୍ତି । ଭାରି ବେହେଲ ମଣିଷ ନା ସେ—ଆମେ ଜାଣିଲୁ ନିଶ୍ଚୟ ଆଜି ଗୋଟାଏ ମଜା ହବ । କାବୁଲୁ ଅଜା ତ ଜମା ଏମିତି ଖାଲି ହାତରେ ଆସନ୍ତି ନାହିଁ ।

ମଉସାଙ୍କ କୁନିଝିଅ ଟୁକୁଟା କିନ୍ତୁ କିଛି ବୁଝିପାରେ ନାହିଁ । ସେ ଭେଁକରି କାନ୍ଦି ପକେଇଲା । ଅଜା ତା ପେଇଁ କାହିଁକି କୋଳି ଆଣି ନାହାନ୍ତି ତାଙ୍କ ଜଙ୍ଗଲରୁ—ଏଇଥିପେଇଁ ।

କାବୁଲୁ ଅଜା ଏଥର ଆଉ ସମ୍ଭାଳି ପାରିଲେ ନାହିଁ । କାଠବୋଝ ଦିହରେ ଲଟକି ଥିବା ଖାଲେଇଟାକୁ ସେ ଆଣିଲେ । ଆମେ ଏପର୍ଯ୍ୟନ୍ତ ସେ ଖାଲେଇଟାକୁ ଭୁଲି ଯାଇଥିଲୁ ।

ଖାଳେଇ ଭିତରେ କାରୁଲୁ ଅଜାଙ୍କର କାଳେ ଖାଇବା ଜିନିଷ ଥିବ ଏଥିପାଇଁ ଆମେ ସେଥିରେ ହାତ ଦେଲୁନାହିଁ ।

କାରୁଲୁ ଅଜା ଯେମିତି ଖାଳେଇ ବାହାର କରିଛନ୍ତି, ଗୁରୁ ଦଉଡ଼ିଗଲା ଅଜାଙ୍କ ପାଖକୁ—ତା ମନେ ମନେ ସେଥିରେ କୋଳ ଅଛି ।

କିନ୍ତୁ କାରୁଲୁ ଅଜା ଗୁରୁଠୁଁ ଟିକିଏ ଦୂରେଇଗଲେ । ସେ କହିଲେ, "ହାଁ, ଭାଲିଆ ଭାଲିଆ, ଚମ୍ପ କି ନାଗ—କାଳରେ ବନମାଳୀ··· ।"

ପଦ୍ମତୋଳା ଯେମିତି ଆମ କାନରେ ପଡ଼ୁଛି—ଆମେ ଅତର୍କି ହୋଇ ଦଉଡ଼ିଲୁ ।

କାହାରି ଟିକିଏ ମନେ ନାହିଁ ଯେ କାରୁଲୁ ଅଜା ଗୋଟାଏ ଭାରି ବେହେଲ ମଣିଷ ।

ଏତିକିବେଳେ କାରୁଲୁ ଅଜା ଖାଳେଇ ମୁହଁରୁ କନାବଣ୍ଡାଟାକୁ ବାହାର କରିଦେଲେ । କାଠଚୋଛାରୁ ଖଣ୍ଡେ ବାଡ଼ି ଆଣି ସେ ଖାଳେଇ ଭିତରେ ଧରିଲେ ।

ସେ ଯେତେବେଳେ ବାଡ଼ିଟାକୁ ପୁଣି ଉପରକୁ ଟେକି ଧରନ୍ତି ଆମେ କବାଟ ସନ୍ଧିରେ ଦେଖିଲୁ ଯେ ବାଡ଼ି ଅଗରେ ଗୋଟାଏ ଏଣ୍ଡୁଅ ବସିଛି । ଏଣ୍ଡୁଅ ଅଣ୍ଟାରେ ଗୋଟାଏ ସୂତା ବନ୍ଧା ହୋଇଛି । ଗୋଟାଏ ହାତରେ ଅଜା ସେ ସୂତାଟାକୁ ଧରିଛନ୍ତି, ଆଉ ହାତରେ ବାଡ଼ିଟାକୁ ।

ଏଣ୍ଡୁଅଟାଏ ଦେଖି ଆମ ପିଣ୍ଡରେ ପ୍ରାଣ ପଶିଲା । ଆମେ ପୁଣି ଆସି ଘେରିଗଲୁ ଅଜାଙ୍କୁ । ଏଣ୍ଡୁଅଟାକୁ ଯେମିତି ଦୂରଛଡ଼ା କରି ଅଜା ଆମକୁ କହିଲେ—

କୁହୁକିଆ ଖେଳା କୁହୁକିଆ ଖେଳ',
ଦେଖା ତୋ ଖେଳ
ବୁଡ଼ିଲା ବେଳ, ଭାଙ୍ଗିଲା ମେଳ ।

ସାଙ୍ଗେ ସାଙ୍ଗେ ଗୋଟାଏ ଆଚମ୍ବିତ ଘଟଣା ଘଟିଲା ସେଠି । ଏଣ୍ଡୁଅଟା କୁହୁକ ଦେଖେଇଲା ସତକୁ ସତ । ଦେଖୁ ଦେଖୁ ନେଳିଆ ରଙ୍ଗର ଏଣ୍ଡୁଅଟା ସାଙ୍ଗେ ସାଙ୍ଗେ ପାଚିଗଲା । ଆମ ଆଗରେ ନାଲି ଟହ ଟହ ପାଚିଲା ଏଣ୍ଡୁଅଟିଏ କେଉଁଠୁ ଆସି ବସିଲା ।

"ଏ କି ଅଦ୍ଭୁତ କଥା ।" ସମସ୍ତେ ପାଟି କରି ଉଠିଲେ । ଦେଖ୍ ଦେଖ୍ ଘରପାଖର ମଣିଷ ଆସି ରୁଣ୍ଡ ହୋଇଗଲେ । ସାଇ ପଡ଼ିଶାରୁ ବି ଲୋକ ଉଠିଆସିଲେ ।

ସମସ୍ତେ କହିଲେ, "କାରୁଲୁ ! ତୁମେ କଅଣ କୁହୁକ ଜାଣ, ନା କୁହୁକ ଏ ଏଣ୍ଡୁଅର ମ !"

ହାତଯୋଡ଼ି କାରୁଲୁ ଅଜା କହିଲେ, ଆଜ୍ଞା ଏ ଏଣ୍ଡୁଅ ଏମିତି କୁହୁକ ଜାଣେ—ଏ ଆହୁରି ଖେଳ ଦେଖେଇବ ମ, ଟିକିଏ ରହ ।"

ଏଣ୍ଡୁଅର ଖେଳ ଦେଖୁ ଦେଖୁ ବାବୁଲି ମତେ ଚିମୁଟି ଦେଲା । ମୁଁ ଚମକି ପଡ଼ିଲି । ସେ କହିଲା, "ଭାଇ ଏ ତ ଏଣ୍ଡୁଅ ନୁହେଁ !—ଏ ଗୋଟାଏ ସାପ ।"

"କେମିତି ଜାଣିଲୁ ?" ମୁଁ ତାକୁ ପଚାରିଲି ।

ସେ କହିଲା, "ତା ଲାଞ୍ଜକୁ ଚାହିଁ ତ ବାଡ଼କୁ କେମିତି ସେ ଗୁଡ଼େଇ ଧରିଛି ତା ଲାଞ୍ଜରେ—ସାପ ଭଳି ଗୁଡ଼େଇ ହେଇ ନ ?"

ସତକୁ ସତ ଏଣ୍ଡୁଅଟା ତା ଲାଞ୍ଜକୁ ସଜେଇ ଦେଇଥାଏ ବାଡ଼ଦିହରେ । ସାଧାରଣ ଏଣ୍ଡୁଅମାନେ ତ ଏମିତି କରିପାରନ୍ତି ନାହିଁ । ଏତିକିବେଳେ ମୁଁ ଲକ୍ଷ୍ୟ କଲି ସେ ଏଣ୍ଡୁଅର ଆଖି ଦୁଇଟାକୁ । ଇସ୍, ଖାଲି ବିଜୁଳି ଭଳି ସେ ଆଖି ତାର ବୁଲୁଥାଏ । ପରେ ମୁଁ ଜାଣିଲି ଯେ ଏ ପ୍ରକାର ଏଣ୍ଡୁଅମାନଙ୍କର ଆଖି ଦୁଇଟା ଅତି ବିଚିତ୍ର । ଆମେ ସିନା ଗୋଟାଏ ଜିନିସକୁ ଭଲକରି ଦେଖିବା ପାଇଁ ଦୁଇଟାଯାକ ଆଖି ଏକାବେଳକେ ବ୍ୟବହାର କରୁ; କିନ୍ତୁ ଏ ଏଣ୍ଡୁଅ କଅଣ କରେନା ଏକାବେଳକେ ସେ ଦୁଇଟା ଆଖିକୁ ଦୁଇଟା ଜିନିସ ଦେଖିବା ପାଇଁ ବ୍ୟବହାର କରେ । ପୁଣି ଆମେ ତ ଆମ କାନ, ମୁଣ୍ଡ, ପିଠି, ବେକ କିଛି ଦେଖି ପାରୁ ନା । କିନ୍ତୁ ଏ ଏଣ୍ଡୁଅ ତାର ପିଠିରୁଁ ମୁଣ୍ଡ ପର୍ଯ୍ୟନ୍ତ ସବୁ ଜାଗା ଦେଖି ପାରେ ।

ମୁଁ ବାବୁଲିକି କହିଲି, "ଦେଖ୍, ତା ଆଖିକୁ ଦେଖିପାରୁଛୁ-କେମିତି କିନ କିନ ହେଇ ସେ ଆଡ଼କୁ ସାଡ଼କୁ ଚାହୁଁଛି ?

ବାବୁଲି କହିଲା, "ଭାଇ, ଏ ନିଶ୍ଚୟ ଗୋଟାଏ ପ୍ରକାର ସାପ !"

ବିରକ୍ତ ହେଇ ମୁଁ କହିଲି, "ଆରେ ଓଲୁ, ଦେଖୁଚୁ ତ ତାର ଗୋଡ଼ ଚାରିଟା ଅଛି, ପୁଣି ଆଖିରେ ବି ଆଖିପତା ଅଛି—ପୁଣି କହୁଚୁ କେମିତି ସାପବୋଲି ? ସାପର କ'ଣ ଗୋଡ଼ ଥାଏ ନା ଆଖିପତା ଥାଏ ?"

ଏହି ସମୟରେ କାରୁଲୁ ଅଜା ଏଣ୍ଡୁଅକୁ କହିଲେ—

କୁହୁକିଆ କେଳା କୁହୁକିଆ କେଳା,

ଦେଖା ତୋ ଖେଳ-ଭଙ୍ଗିଲା ମେଳ । ହିଁ ବାବୁମାନଙ୍କୁ ତୋ ପୋକଖିଆ ଜିଭ ଦେଖାଇ ଦେ ତ ।

ସେତେବେଳକୁ କାରୁଲୁ ଅଜା ଗୋଟାଏ ମଲା ମାଛି ଆଣି ଏଣ୍ଡୁଅଠୁଁ ପ୍ରାୟ ଚାରିଖଣ୍ଡ ଦୂରରେ ଧରିଥିଲେ । ମାଛିଟାକୁ ଆଣି ସେ ତାଙ୍କ ହାତ ଉପରେ ରଖିଥାନ୍ତି । ଏଣ୍ଡୁଅ ଆଗାରେ ସୂତାଟାକୁ କାରୁଲୁ ଅଜା ଟିକେ ଟାଣି ଧରିଲେ ।

ସାଙ୍ଗେ ସାଙ୍ଗେ ମଲା ମାଛିଟା ଉଡ଼ିଗଲା ଭଳି ଏଣ୍ଡୁଅ ପାଟି ଭିତରକୁ ପଳେଇଲା । ଏକଥା କେମିତି ହେଲା ଆମେ ବୁଝିପାରିଲୁ ନାହିଁ । ମଲା ମାଛିଟା ପୁଣି ଉଡ଼ିପାଇ ଏଣ୍ଡୁଅ ପାଟିରେ ପଶିଗଲା !



( ବହୁରୂପୀ କାରୁଲୁ ଅଜାଙ୍କ ହାତଉପରୁ ମାଛି ଧରୁଛି । )

ସମସ୍ତେ କହିଲେ, "କାରୁଲୁ ଏ ଖେଳଟା ଆଉଥରେ ଦେଖାଅ ।"

ସେଇଆ ହେଲା । ମଲାମାଛି ଆସିଲା । ମଲାମାଛି ପୁଣି ଉଡ଼ିଗଲା ଏଣ୍ଡୁଅ ପାଟିକୁ ।

କିଏ ଜଣେ କହିଲା "ଏଣ୍ଡୁଅଟା ତା ଲମ୍ବା ଜିଭକୁ ବଢ଼େଇ ଦେଇ ମାଛିଟାକୁ ଧରିନେଲା ।" କିନ୍ତୁ ଚାଖଣ୍ଡେ ଦୂରରୁ ଜିଭ ବଢ଼େଇ ସେ ମାଛିଟାକୁ ନେଇଗଲା ? ବଡ଼ ଆଶ୍ଚର୍ଯ୍ୟ କଥା ଏ ନୁହଁ ? ଏତିକିଟିଏ ଜୀବର ଏଡ଼େ ଜିଭ ? ପୁଣି ବିଜୁଳି ଭଳି ସେ କାମ କରୁଛି ? କିନ୍ତୁ ସତରେ ଏ ବହୁରୂପୀର ଜିଭଟି ଏଡ଼େ ଲମ୍ବା । ଏଡ଼େ ଲମ୍ବା ସିନା; କିନ୍ତୁ ଭାରି ଶୀଘ୍ର କାମ କରେ ସେ ଜିଭଖଣ୍ଡିକ । ଖେଳ ସରିଲା । ଏଣ୍ଡୁଅ ତା ଖୋଳେଇ ଭିତରକୁ ଗଲା ।

କିଏ ଜଣେ କହିଲା, "ବହୁରୂପୀଟା ସତରେ କୁହୁକ ଜାଣେ, ଭଗବାନ ତାକୁ କେତେ ଅଦ୍ଭୁତ ଶକ୍ତି ଦେଇନାହାନ୍ତି ସତେ ?" ଆଉ ଜଣେ କିଏ କହିଲା, "ନିଜ ଦେହର ରଙ୍ଗ ମନଇଚ୍ଛା ବଦଳେଇବା ଶକ୍ତିଟା ଯଦି ମଣିଷର ଥାଆନ୍ତାନା ତା'ହେଲେ ଆଉ ଏ କଳା ଧଳା ବାଦ ନ ଥାନ୍ତା । ସମସ୍ତେ ଗୋରା ହୋଇପାନ୍ତେ ।"

ଏକଥା ଶୁଣି କାରୁଲୁ ଅଜା ହସିଦେଲେ । ସମସ୍ତେ ତାଙ୍କ ମୁହଁକୁ ଚାହିଁଲେ । ସେ କହିଲେ, "ବାବୁ ! ସମସ୍ତେ ଯଦି ଗୋରା ହୋଇପାଆନ୍ତେ ତାହେଲେ ଆମେ ମରିଯାଆନ୍ତୁ ।"

ଆମେ ସବୁ ଆହୁରି କାବା ହେଲୁ ।

କାରୁଲୁ ଅଜା କହିଲେ, "ଆମେ ଶବରମାନେ କଳା ଚମକୁ ଭାରି ଲୋଡ଼ୁ । ଆମ ଦେହ ଯଦି ଧଳା ହୋଇଯାଆନ୍ତାନା ଆମେ ଆମ କଳା ଚମକୁ ଝୁରି ଝୁରି ମରିଯାଆନ୍ତୁ ।"

ସମସ୍ତେ ହସିଦେଲେ । କାରୁଲୁ ଅଜାଙ୍କ କଥା କେହି ବୁଝିପାରିଲେ ନାହିଁ ।

ଯାହାହେଉ ମାଉସୀ ଘରକୁ ଆସି ମତେ ଦେଇଟା ଜିନିଷ ମିଳିଲା—ଗୋଟିଏ ହେଲା ବହୁରୂପୀ ଦର୍ଶନ, ଅନ୍ୟଟି କାରୁଲୁ ଅଜାଙ୍କ ବଣରାଇଜର ଗପ ।

———

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ—୨